

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
**ରଘୁନନ୍ଦନ ଦାସ**


ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

Vol.5 | Issue- 19 | October 18 to 24, 2021, | Jagatsinghpur | Page-8 | Rs. 5/-
ବର୍ଷ-୫ | ସଂଖ୍ୟା- ୧୯ | ଅକ୍ଟୋବର ୧୮ ରୁ ୨୪, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା






"ସଂପର୍କବାର୍ତ୍ତା" ସର୍ଭେ
ରାଜ୍ୟରେ ନଂ-୧ ଜଗତସିଂହପୁର ଜିଲ୍ଲାପାଳ
**ସଂଗ୍ରାମ କେଶରୀ ମହାପାତ୍ର**

# ଦିଲ୍ଲୀରେ ନବୀନଙ୍କୁ ଖୋଜନ୍ତି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନବୀନ ଜଣେ ବିଚକ୍ଷଣ ରାଜନେତା। ଦେଶର ଅନେକ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ସବୁବେଳେ ସମସ୍ତଙ୍କ ମନଜିଣିପାରୁଥିବା ମୁଖ୍ୟମନ୍ତ୍ରୀ। ୧୯୯୭ରୁ ୨୦୨୧ ଗତ ୨୪ ବର୍ଷର ତାଙ୍କ ରାଜନୈତିକ ଚିତ୍ରପଟ୍ଟରେ ସେ ଲେଖିଚାଲିଛନ୍ତି ଅନେକ ଐତିହାସିକ ପୃଷ୍ଠା। ତାଙ୍କର ଗୋଟିଏ ଫୋନ୍ କଲ୍ ବି ଜାତୀୟ ରାଜନୀତିରେ ଉଠୁଥିବା ଝଡ ତୋଫାନକୁ ଅଟକାଇବାରେ ଯଥେଷ୍ଟ। ଯେଉଁଥି ପାଇଁ କେହି ତାଙ୍କୁ କେନ୍ଦ୍ର ରାଜନୀତିରେ ଗେମ୍ ଚେଞ୍ଜର ବୋଲି କୁହନ୍ତି। ନିର୍ବାଚନଠୁ ଆରମ୍ଭ କରି ସଂଗଠନ, ଦଳୀୟ ବ୍ୟାପାରଠୁ ସରକାରୀ ବ୍ୟବସ୍ଥା। ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆଞ୍ଚଳିକ ରାଜନୀତି ଆକାଶରୁ କେନ୍ଦ୍ରୀୟ ରାଜନୀତିରେ



ନବୀନଙ୍କ ପତିଆରା ମିଳିଛି। ଯେମିତି କି ପିଏ ସାଙ୍ଗମାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରି ଏକାଧିକବାର ଦେଖିବାକୁ ଜାତୀୟ ରାଜନୀତିରେ ଦବଦବା ଜାହିର କରିଥିଲା ବିଜେଡି। ଆଉ ନବୀନଙ୍କ ନିଷ୍ପତ୍ତିକୁ ସେତେବେଳେ ଦେଶର ବଡ ବଡ ରାଜନେତିକ ଦଳ ସମର୍ଥନ କରିବାକୁ ଆଗେଇ ଆସିଥିଲେ। ଆଉ ନବୀନଙ୍କ ହଁରେ ହଁ ଭରିଥିଲେ। କେନ୍ଦ୍ରୀୟ ରାଜନୀତିରେ ମଝିରେ ମଝିରେ ଏମିତି କିଛି ମାଷ୍ଟରଷ୍ଟ୍ରୋକ୍ ସମସ୍ତଙ୍କୁ ଚମକାଇ ଦିଅନ୍ତି ନବୀନ।

ଠିକ୍ ସେହିଭଳି ୨୦୧୯ ସାଧାରଣ ନିର୍ବାଚନରେ ୩୩% ସଂରକ୍ଷଣ ମହିଳା କାର୍ଡ ଖେଳି ଜାତୀୟ ରାଜନୀତିରେ ନବୀନ ଆରମ୍ଭ କରିଥିଲେ ଏକ ନୂଆ ବିପ୍ଳବ। କଥା ଦେଇ କଥା ରଖି ସାଧାରଣ ନିର୍ବାଚନ ସଂସଦ ପାଇଁ ୭ ମହିଳାଙ୍କୁ ପ୍ରାର୍ଥୀ କରି ମହିଳା ଭୋଟରଙ୍କ ମନଜିନୀ ଅନ୍ୟ ଆଞ୍ଚଳିକ (ପୃଷ୍ଠା-୨)

## ଭଲ ମଣିଷ ହେବି:ଆର୍ୟନ

**ମୁମ୍ବାଇ(ସଂପର୍କବାର୍ତ୍ତା):-** ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରେ ଗିରଫ ହୋଇଥିବା ସାରୁଖ୍ ଖାଁଙ୍କ ପୁଅ



ଜେଲ୍‌ରେ ସେସନ୍ କୋର୍ଟ ଆବେଦନ ବଲିଉଡ୍ ସୁପରଷ୍ଟାର ଆର୍ୟନ୍ ଖାଁ ଏବେ ଅଛନ୍ତି। ମୁମ୍ବାଇ ଆର୍ୟନଙ୍କ ଜାମିନୀ ଶୁଣାଣିକୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏହାରି (ପୃଷ୍ଠା-୨)

# ୭୬ ବର୍ଷରେ ନବୀନ, ଜନ୍ମଦିନ ପାଳିଲେ ନାହିଁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ୭୬ ବର୍ଷରେ ପଦାର୍ପଣ କଲେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଜନ୍ମଦିନ ପାଳନ କରିବେ ନାହିଁ ବୋଲି ପୂର୍ବରୁ ନବୀନ ନିବାସ ସୂତ୍ରରୁ ଜଣାପଡିଥିଲା। ମିଳିଥିବା ସୂଚନା ଅନୁସାରେ କରୋନା କଟକଣା ଯୋଗୁଁ ମୁଖ୍ୟମନ୍ତ୍ରୀ ଜନ୍ମଦିନ ପାଳନ କଲେ ନାହିଁ। ସେହିଦିନ ମଧ୍ୟ ନେତା-ମନ୍ତ୍ରୀ ଓ ଶୁଭେଚ୍ଛୁଙ୍କୁ ନବୀନ ନିବାସ ଯିବା ଉପରେ କଟକଣା ବଳବତ୍ତର ରହିବା ଯୋଗୁଁ କେହି ଯାଇନଥିବା ଜଣାପଡିଛି।। ଅନ୍ୟପଟେ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ କେତେକ ସ୍ଥାନରେ ରକ୍ତଦାନ ଶିବିର(ଜୀବନ ବିନ୍ଦୁ) କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ୧୯୪୬ ମସିହା ଅକ୍ଟୋବର ୧୬ ତାରିଖରେ କଟକରେ ଜନ୍ମଗ୍ରହଣ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତ ବର୍ଷ କରୋନା କଟକଣା ଓ ଫନୀ ବାତ୍ୟା ଯୋଗୁଁ ନବୀନ ନିଜର ଜନ୍ମଦିନ ପାଳନ କରିନଥିଲେ।

# ତନ୍ଦୁରି ରୁଟିରେ ଛେପ ପକାଇ ରାନ୍ଧୁଛନ୍ତି !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସାଧାରଣତଃ ଲୋକେ ଢାବାରେ ଖାଇବାକୁ ପସନ୍ଦ କରନ୍ତି। କାରଣ ଢାବାର ଟେଷ୍ଟରେ ଥାଏ ଟିକେ ଅଲଗା ଟେଷ୍ଟ। ହେଲେ ଏହି ଢାବା ଖାଦ୍ୟ ବିଶାକ୍ତ ପାଲଟିଛି। କାରଣ କ'ଣ ଜାଣିଲେ ଆପଣଙ୍କ ହୋସ୍ ଉଡ଼ିଯିବ। ଆଉ ଯଦି ଢାବାରେ ତନ୍ଦୁରି ରୁଟି ଖାଉଛନ୍ତି ତେବେ ହୋଇଯାଆନ୍ତୁ ସାବଧାନ। ହୋଟେଲ୍‌ରେ ଏହି




ଦୃଶ୍ୟ ଦେଖିଲେ ପାଦ ତଳୁ ଖସିଯାଇପାରେ ମାଟି। ଆଉ ଯଦି ଦେଖିନାହାଁନ୍ତି ତାହାହେଲେ ଟୁଇଟର ପେଜ୍‌ରେ ଶେୟାର ହୋଇଥିବା ଭିଡିଓରୁ। ଦେଖନ୍ତୁ କିପରି ଜଣେ ରୋଷେୟା କିପରି ଛେପ ପକାଇ ତନ୍ଦୁରି ରୁଟି ସେକୁଛନ୍ତି। ଏ ଭିଡିଓଟି ନାଗର କୋଟବାଲି ଅଞ୍ଚଳର। ଯାହାକି ସୋସିଆଲ୍ ମିଡିଆ(ଟୁଇଟର)ରେ ଶେୟାର ହୋଇଛି। ଏହାକୁ ଜଣେ ୟୁଜର ସୋସିଆଲ୍ ମିଡିଆରେ ଭାଇରାଲ୍ କରିଥିଲେ। ତେବେ ଭିଡିଓଟି ଭାଇରାଲ୍ ହେଲା ପରେ କୋଟଓ୍ୱାଲି ପୋଲିସ୍ କୌଣସି ସୂତ୍ରରୁ ଖବର ପାଇ ମାମଲା ରୁଜୁ କରିଥିଲା। ଅଭିଯୋଗ ପରେ ଅଭିଯୁକ୍ତକୁ ଗିରଫ (ପୃଷ୍ଠା-୨)

# ଡାକ୍ତରାଣୀଙ୍କୁ ଏମ୍ସର ବରିଷ୍ଠ ଡାକ୍ତରଙ୍କ ଦୁଷ୍କର୍ମ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ବରିଷ୍ଠ ଡାକ୍ତର ନିଜ ଘରକୁ ଡାକି ଜଣେ ଜୁନିୟର୍ ଡାକ୍ତରଙ୍କୁ ଡାକି ଦୁଷ୍କର୍ମ କରିଥିବା ଜଣାପଡିଛି। ଘରେ ଚାଲିଥିବା ପାର୍ଟିରେ ଡାକ୍ତରାଣୀଙ୍କୁ ମଦ ପିଆଇ ଦୁଷ୍କର୍ମ କରିଥିବା ଜଣାପଡିଛି। ମହିଳା ଡାକ୍ତରଙ୍କ ଅଭିଯୋଗ ପରେ ହଜ୍‌ଖାସ୍ ଥାନା ପୋଲିସ୍ ମାମଲା ରୁଜୁ କରିଛି। ଡାକ୍ତରୀ ମାଇନାରେ ଡାକ୍ତରାଣୀଙ୍କୁ ଦୁଷ୍କର୍ମ ହୋଇଥିବା ସ୍ପଷ୍ଟ ମଧ୍ୟ ହୋଇଛି। କିନ୍ତୁ ଅଭିଯୋଗର ହେବାର ୨ଦିନ ପରେ ମଧ୍ୟ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରାଯାଇନାହିଁ।

ଦକ୍ଷିଣ ଜିଲ୍ଲା ପୋଲିସ୍ କହିବା ଅନୁସାରେ ଅଭିଯୁକ୍ତ ଡାକ୍ତର ଏମ୍ସ ମିଡିସିନ୍ ବିଭାଗର ସିନିୟର ରେସିଡେନ୍ସ ଡାକ୍ତର ଅଛନ୍ତି। ସେ ନିଜ ପରିବାର ସହ ହଜ୍‌ଖାସ୍‌ରେ ରହୁଛନ୍ତି। ପିଡିତା ମଧ୍ୟ ଏମ୍ସର ଜୁନିୟର୍ ଡାକ୍ତର ଅଛନ୍ତି। ପିଡିତାଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ (ପୃଷ୍ଠା-୨)

# ଅଟା, ମଇଦା ଓ ଚାଉଳରେ କେମିକାଲ୍ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବର୍ତ୍ତମାନ ପାର୍ବଣ ଋତୁର ଆଗମନ ହୋଇଥିବାରୁ ଏହି ସମୟରେ ବିଭିନ୍ନ ପ୍ରକାରର ମିଠା ସାମଗ୍ରୀର ଚାହିଦା ଅଧିକ ରହିଥାଏ। ତେବେ ଚାହିଦା ବଢୁଥିବାରୁ ଏପରି ଖାଦ୍ୟ ସାମଗ୍ରୀରେ ଲୁଟ୍‌ଖୋରମାନେ ବିଭିନ୍ନ ପ୍ରକାର କେମିକାଲ୍ ମିଶାଇ ବିକ୍ରି କରୁଛନ୍ତି। ତେବେ ବିକ୍ରେତାମାନେ ଚାଉଳ, ଅଟା




ଓ ମଇଦାରେ ବୋରିକ୍ ଏସିଡ୍ ମିଶ୍ରଣ କରି ବିକ୍ରି କରୁଥିବା ଜଣାପଡିଛି। ଏପରି କେମିକାଲ୍ ମିଶ୍ରଣ ଖାଦ୍ୟ ଖାଇଲେ ତାହା ଶରୀର ପାଇଁ ବହୁତ କ୍ଷତି ସାବ୍ୟସ୍ତ ହୋଇଥାଏ। ଏ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନବ କର୍ତ୍ତୃପକ୍ଷ FSSAI ପକ୍ଷରୁ ଟୁଇଟରରେ ଏକ ଭିଡିଓ ସେୟାର କରାଯାଇଛି। କୁହାଯାଇଛି ଯେ ମଇଦା, ଚାଉଳ ଓ ଅଟାରେ ବୋରିକ୍ ଏସିଡ୍ ପରି କେମିକାଲ୍ (ପୃଷ୍ଠା-୨)

## ନାବାଳିକାକୁ ନିଜ ବାପାଙ୍କ ସହ ନେତାଙ୍କ ଦୁଷ୍କର୍ମ

# ସମାଜବାଦୀ ଓ ବହୁଜନ ସମାଜବାଦୀ ପାର୍ଟି ନେତା ଓ ଇଂଜିନିୟର ସମେତ ୨୮ ଗିରଫ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବାପା ସାଜିଲା ସଇତାନ। ନିଜ ଝିଅକୁ ନିଜେ ଦୁଷ୍କର୍ମ କଲା ଏବଂ ଅନ୍ୟ ଯୁବକଙ୍କ ସହ ଶାରୀରିକ ସଂପର୍କ ରଖିବାକୁ ବାଧ କରିଥିଲା। ଏହି ଘଟଣାରେ ପୋଲିସ୍ ୨୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉତ୍ତର ପ୍ରଦେଶର ଲଳିତପୁର ଜିଲ୍ଲାରେ ଏମିତି ଏକ



ଅଭାବନୀୟ ଘଟଣା ଘଟିଛି। ଅଭିଯୁକ୍ତ ବାପା ସମାଜବାଦୀ ପାର୍ଟି(ଏସ୍‌ପି)ର ଜିଲ୍ଲା ସଭାପତି ହୋଇଥିବା ବେଳେ ଅନ୍ୟ ୨୮ଜଣ ହେଉଛନ୍ତି ସମାଜବାଦୀ ପାର୍ଟି ଓ ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି)ର କର୍ମୀ ବୋଲି ଅଭିଯୋଗ ହୋଇଛି। ୧୧ ବର୍ଷୀୟ ନାବାଳିକା ଜଣକ ଅଭିଯୋଗ କରିବା ପରେ ପୋଲିସ୍ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପିଡିତାଙ୍କ ଅଭିଯୋଗ ଅନୁଯାୟୀ ସେ (ପୃଷ୍ଠା-୨)

# ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କମିଟି ଘୋଷଣା

ଉତ୍କଳ ସାମ୍ବାଦିକ ସଂଘ ଓଡ଼ିଶା ପ୍ରଦେଶର ରାଜ୍ୟ ସଭାପତି
ପରମେଶ୍ୱର ଦାଶ(ବୁଲନ୍ ଭାଇ)ଙ୍କ ମନୋନୀତ ରାଜ୍ୟ କମିଟି ଘୋଷଣା କରାଗଲା।



୧- ରାଜ୍ୟ ସଭାପତି- ପରମେଶ୍ୱର ଦାଶ (ନିର୍ବାଚିତ)(ମନୋନୀତ)
୨- ଉପଦେଷ୍ଟା- ମନୋଜ କୁମାର ଦାସ
୩- ଉପଦେଷ୍ଟା- ଶିଖର ଜେନା
୪- ଉପଦେଷ୍ଟା ଓ ରାଜ୍ୟ କାର୍ଯ୍ୟକାରୀ ସଭାପତି- ରାମେଶ୍ୱର ଶତପଥୀ
୫- ରାଜ୍ୟ କାର୍ଯ୍ୟକାରୀ ସଭାପତି- ସୁମିତ୍ରା ନାୟକ
୬- ରାଜ୍ୟ ଉପସଭାପତି- ଜୟସେନ ପରିଡା
୭- ରାଜ୍ୟ ଉପସଭାପତି- ରାଜକିଶୋର ସ୍ୱାଇଁ
(ରାଜ୍ୟ ସାଧାରଣ ସଂପାଦକ ଦାୟିତ୍ୱ(ଅସ୍ଥାୟୀ)
୮- ରାଜ୍ୟ ଉପସଭାପତି- ଦୀପକ କୁମାର ମହାପାତ୍ର
୯- ରାଜ୍ୟ ଉପସଭାପତି- ରଂଜିତ କୁମାର ମହାପାତ୍ର
୧୦- ରାଜ୍ୟ ଉପସଭାପତି- ବାସେଦେବ ବରାଳ
୧୧- ରାଜ୍ୟ ଉପସଭାପତି- ବିଜୟ କୁମାର ସଇସ
୧୨- ରାଜ୍ୟ ଉପସଭାପତି- ନରେନ୍ଦ୍ର କୁମାର ସାହୁ
୧୩- ରାଜ୍ୟ ଉପସଭାପତି- ବିବେକାନନ୍ଦ ବାରିକ
୧୪- ରାଜ୍ୟ ଉପସଭାପତ- ଲଲାଟେନ୍ଦୁ ସେନାପତି
୧୫- ରାଜ୍ୟ ସାଧାରଣ ସଂପାଦକ- (ଖୁବଶୀଘ୍ର ଘୋଷଣା କରାଯିବ)
୧୬- ରାଜ୍ୟ ଅଫିସ୍ ସମ୍ପାଦକ- ନବଘନ ଜେନା
୧୭- ରାଜ୍ୟ ସଂପାଦକ- ସୁନାକର ଦାସ
୧୮- ରାଜ୍ୟ ସଂପାଦକ- ଗଙ୍ଗାଧର ସାହୁ
୧୯- ରାଜ୍ୟ ସଂପାଦିକା- ପ୍ରତୀକ୍ଷା ମହାପାତ୍ର
୨୦- ରାଜ୍ୟ ସଂପାଦିକା- ମିଲନ୍ ଜେନା
୨୧- ରାଜ୍ୟ ସଂପାଦିକା- ସୁକାନ୍ତି ଦାଶ
୨୨- ରାଜ୍ୟ ସଂପାଦକ- ରଘୁନାଥ ଷଡଙ୍ଗୀ
୨୩- ରାଜ୍ୟ ସଂପାଦକ- ସଂଗ୍ରାମ କେଶରି ଜେନା
୨୪- ରାଜ୍ୟ ସଂପାଦକ- ଗୌରାଙ୍ଗ ଚରଣ ପଣ୍ଡା
୨୫- ରାଜ୍ୟ ସଂପାଦକ- ଯୋଗେଶ୍ୱର ଦାସ
୨୬- ରାଜ୍ୟ ସଂପାଦିକା- ପ୍ରଭାତି ବାରିକ
୨୭- ରାଜ୍ୟ କୋଷାଧକ୍ଷ- ତପନ କୁମାର ନନ୍ଦ

(Parameswar Dash)
State Precident

# ରାହୁଲ ଅଧ୍ୟକ୍ଷ ହୁଅନ୍ତୁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଂଗ୍ରେସର କାର୍ଯ୍ୟସମିତି ବୈଠକରେ ସଦସ୍ୟତା ନିମନ୍ତେ କାର୍ଯ୍ୟସୂଚୀ ନିର୍ଦ୍ଧାରଣ ଚୂଡାନ୍ତ କରିବା ଓ ଆମୂଳଚୂଳ ସଂଗଠନୀୟ ନିର୍ବାଚନ ଉପରେ ବିଶେଷ ଆଲୋଚନା ହୋଇଛି। ତେବେ କଂଗ୍ରେସର ଅଧ୍ୟକ୍ଷ କିଏ ହେବ ତା ନେଇ ମଧ୍ୟ ଚର୍ଚ୍ଚା ହୋଇଛି। ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଏହି ବୈଠକର ପ୍ରାରମ୍ଭିକ ଭାଷଣରେ କହିଛନ୍ତି ଯେ ଯଦି ସମସ୍ତେ ଚାହାଁନ୍ତି ତେବେ ସେ ଅଧ୍ୟକ୍ଷ ହେବା ପାଇଁ ପ୍ରସ୍ତୁତ ଅଛନ୍ତି।

ସେପଟେ ପୁଣିଥରେ ରାହୁଲ ଗାନ୍ଧୀ ଦଳର ଅଧ୍ୟକ୍ଷ ହେବା ନେଇ ଦଳର ଅନେକ ବରିଷ୍ଠ ନେତାମାନେ ଦାବି କରିଛନ୍ତି। ଏହାକୁ ନେଇ ରାହୁଲ କହିଛନ୍ତି ଯେ ଏ ନେଇ ସେ ବିଚାର କରିବେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦଳର ନେତାମାନଙ୍କଠାରୁ



ଆଦର୍ଶ ଉପରେ ତାଙ୍କର ସ୍ୱଚ୍ଛତା ଆବଶ୍ୟକ। ନିର୍ବାଚନ ପର୍ଯ୍ୟନ୍ତ ତାଙ୍କୁ କାର୍ଯ୍ୟକାରୀ ସଭାପତି

**କଂଗ୍ରେସ ୱାର୍କି କମିଟି ବୈଠକ**

କରାଯିବାକୁ କିଛି ନେତା ଦାବି କରିଛନ୍ତି। ଅନ୍ୟପଟେ ଏହି ବୈଠକରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଅଧ୍ୟକ୍ଷ ପଦ ପାଇଁ ରାହୁଲ ଗାନ୍ଧୀଙ୍କ ନାମ ପ୍ରସ୍ତାବ ଦେଇଥିଲେ।

ଏହି ବୈଠକରେ ସମ୍ପର୍କରେ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ରାହୁଲ ଗାନ୍ଧୀ ଦଳର ଅଧ୍ୟକ୍ଷ ହେବା ଉଚିତ ବୋଲି ସମସ୍ତେ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ନିଷ୍ପତ୍ତି ତାଙ୍କ ଉପରେ ଛାଡି ଦିଆଯାଇଛି। କଂଗ୍ରେସ ନେତା ଅମ୍ବିକା ସୋନି କହିଛନ୍ତି ଯେ ରାହୁଲ ଗାନ୍ଧୀ ହେବା ଉଚିତ ବୋଲି ସମସ୍ତେ ଏକମତ ହୋଇଛନ୍ତି। ସମସ୍ତ କାର୍ଯ୍ୟକାରୀ କମିଟି ସଦସ୍ୟ ସର୍ବସମ୍ମତି କ୍ରମେ ରାହୁଲ ଗାନ୍ଧୀଙ୍କୁ ଅଧ୍ୟକ୍ଷ କରିବାକୁ ଚାହୁଁଛନ୍ତି। ତାରିକ ହମିଦ କର କହିଛନ୍ତି ଯେ ଆମର ଅଧ୍ୟକ୍ଷ ଅଛନ୍ତି। ଆଣ୍ଟୋନିଙ୍କ ସମେତ ସମସ୍ତ ନେତା ରାହୁଲ ଗାନ୍ଧୀଙ୍କୁ ଅଧ୍ୟକ୍ଷ ହେବାକୁ ନିବେଦନ କରିଛନ୍ତି।

# JEE ଆଡ୍‌ଭାନ୍ସ ପରୀକ୍ଷାରେ ଓଡ଼ିଶା ଟପ୍ପର ଗୌତମ ଦାସ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜେଇଇ ଆଡ୍‌ଭାନ୍ସ ପରୀକ୍ଷାରେ ଓଡ଼ିଆ ପୁଅ ଗୌତମ ଦାସଙ୍କ କମାଲ୍। ୨୦୨୧ ଜାଇ ଆଡ୍‌ଭାନ୍ସ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଓଡ଼ିଶା ଟପ୍ପର ହୋଇଛନ୍ତି ଗୌତମ ଦାସ। ଗୌତମ ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ର। ଅଲ୍ ଇଣ୍ଡିଆ ର୍‍ୟାଙ୍କ୍ ୧୫୦ରେ ଗୌତମ ନିଜ ବଜାୟ ରଖିଛନ୍ତି।



ଆଇଆଇଟି ମୁମ୍ବାଇରେ କମ୍ପ୍ୟୁଟର ସାଇନ୍ସ ପଢିବାକୁ ଆଶା ରଖିଛନ୍ତି ଗୌତମ। ଅନ୍ୟପଟେ ଜେଇଇ ମେନ୍ ପରୀକ୍ଷାରେ ୯୯.୯୯୯ ଏନ୍‌ଟିଏ ସ୍କୋର କରିଥିଲେ ଗୌତମ। ସେ ଜାତୀୟ ପ୍ରବେଶ ପରୀକ୍ଷାରେ ଜେଇଇ ମେନ୍ ଟେଷ୍ଟ ର୍‍ୟାଙ୍କ୍ ୧ରେ ଥିଲେ ଏବଂ ସେ ନାଇଜର ଓ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚରେ ଏକ ସିଟ୍ ପାଇଥିଲେ। ଅନ୍ୟପଟେ ଗୌତମ ଦ୍ୱାଦଶ ଶ୍ରେଣୀ ସିବିଏସ୍‌ଇ ପରୀକ୍ଷାରେ ୯୮.୬% ମାର୍କ ରଖିଥିଲେ।

# ରାସ୍ତାରେ ପଡୁଛି କୁଢ କୁଢ ନିରାମୟ ଔଷଧ

**ଝାରସୁଗୁଡା(ସଂପର୍କବାର୍ତ୍ତା):-** ଅନେକ ସମୟରେ ଲୋକଙ୍କୁ ସରକାରୀ ଡାକ୍ତରୀଖାନାରେ ଔଷଧ ମିଳୁନଥିବା ଅଭିଯୋଗ ଆସୁଥିବା ବେଳେ ଝାରସୁଗୁଡାରେ ବସ୍ତା ବସ୍ତା ଔଷଧ ଫୋପାଡି ଦିଆଯାଇଥିବା ସହ ସେଗୁଡିକୁ ପୋଡି ନଷ୍ଟ କରିଦିଆଯାଇଛି। ଝାରସୁଗୁଡା କୋଲାବିରା ରାସ୍ତାର ପୁର୍ଣ୍ଣା ନିକଟସ୍ଥ ଏକ ଅପନ୍ତରିଆ ସ୍ଥାନରେ ଲକ୍ଷାଧିକ




ଟଙ୍କାର ଔଷଧ ନଷ୍ଟ କରି ଫୋପାଡି ଦିଆଯାଇଛି। ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏହି ଔଷଧ ଫିଙ୍ଗି ଦିଆଯାଇଥିବା ବେଳେ ଏହା କେଉଁ ପରିସ୍ଥିତିରେ ଏଠାରେ ପଡିଲା ତାହା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣା ନଥିବା କହିଛନ୍ତି। ରାସ୍ତାରେ ପଡିଥିବା ଔଷଧଗୁଡିକ ନିରାମୟ ଯୋଜନାରେ ରୋଗୀଙ୍କ ପାଇଁ ଆସିଥିବା ଜଣାପଡିଛି।

# କାଠଯୋଡି ନଦୀବନ୍ଧ ଅପରାଧୀ ଓ ମଦୁଆଙ୍କ ଆଡା !

**କଟକ(ସଂପର୍କବାର୍ତ୍ତା):-** କନ୍ଦରପୁର ଥାନା ଅନ୍ତର୍ଗତ ତଥା ଜଳସଂପଦ ବିଭାଗ ଅଧିନସ୍ଥ ଅଥଙ୍ଗା ଠାରୁ ପରମହଂସ ପର୍ଯ୍ୟନ୍ତ ୩ କିମି କାଠଯୋଡି ରାସ୍ତା ଏବେ ଅପରାଧୀ ଓ ମଦ୍ୟପମାନଙ୍କ ଅଭୟାରଣ୍ୟ ପାଲଟି ଥିବା ଅଭିଯୋଗ ହେଉଛି। ରାସ୍ତାର ଦୁଇ ପାର୍ଶ୍ୱରେ ଜଙ୍ଗଲ ଭର୍ତ୍ତି ହୋଇଯିବା ଫଳରେ ଏହା ଏକ ଜଙ୍ଗଲି ରାସ୍ତାର ଭ୍ରମ ସୃଷ୍ଟି କରୁଛି। ଏହି ନିଛାଟିଆ ରାସ୍ତାରେ ରାତି ଦିନରେ ବି କେହି ଯିବାକୁ ଭୟ କରୁଛନ୍ତି।

ଏଥିପାଇଁ ଏହି ରାସ୍ତା କେବଳ ଅପରାଧୀଙ୍କ ପାଇଁ ଚରାଭୂଇଁ ପାଲଟିଥିବା ବେଳେ ମଦୁଆ



ଆଡ୍ଡାସ୍ଥଳୀ ପାଲଟିଛି। ଏହି ନିଛାଟିଆ ରାସ୍ତା ଦେଇ ବହୁ ହାର୍ଡକୋର ଅପରାଧୀମାନେ ଅନାୟସରେ ଚଳପ୍ରଚଳ କରୁଥିବା ଦେଖାଯାଉଛି। ସେଥିରେ ରାସ୍ତା ସାରା ମଦ ବୋତଲ ଠାରୁ ମଦୁଆଙ୍କର ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ସବୁ ପଡିଥିବା ଦେଖିବାକୁ ମିଳିଛି। ଜଳସଂପଦ ବିଭାଗ ଉକ୍ତ ରାସ୍ତାରେ ଜଙ୍ଗଲ ସଫା କରିବା ସହିତ ପୋଲିସ୍ ପକ୍ଷରୁ କଡା ପହରା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ୧୫ ପିଲାର ମା'କୁ ଲକ୍ଷେ ଟଙ୍କା, ୧୩ କୁ ୩୦ ହଜାର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏକାଧିକ ଛୁଆ ଜନ୍ମ କରିଥିବା ମହିଳାଙ୍କୁ ଟଙ୍କା ବାଣ୍ଟିଲେ ମନ୍ତ୍ରୀ। ମିଜୋରାମର ଖେଳମନ୍ତ୍ରୀ ରବର୍ଟ ସୋମାବିୟା ରୋୟତେ ୧୭ଜଣ ମହିଳାଙ୍କୁ ଅଢେଇ ଲକ୍ଷ ଟଙ୍କା ବାଣ୍ଟୁଛନ୍ତି। ୧୫ ଛୁଆ ଜନ୍ମ କରିଥିବା ମା'କୁ ପ୍ରଥମ ପୁରସ୍କାର ମିଳିଥିବା ବେଳେ ୧୩ ଛୁଆ ଜନ୍ମ କରିଥିବା ମା'କୁ ଦ୍ୱିତୀୟ ପୁରସ୍କାର ଦିଆଯାଇଛି।

ମନ୍ତ୍ରୀଙ୍କ କହୁଛନ୍ତି "ଅଧିକ ଛୁଆ ଜନ୍ମ କର" ଅଭିଯାନରେ ଏହି ଅର୍ଥ ଦିଆଯାଉଛି। ଏହି ଅଭିଯାନ ୟଙ୍ଗ ମିଜୋ ଆସୋସିଏସନ୍ ଓ କେତେକ ଚର୍ଚ୍ଚ

**ପିଲା ଜନ୍ମକରିବା ପ୍ରତିଯୋଗିତା !**

ସଂଗଠନ ଚଳାଇଛନ୍ତି। ଅବୈଧ ଅନୁପ୍ରବେଶ ରୋକିବା ପାଇଁ ସ୍ଥାନୀୟ ଜନ୍ମସଂଖ୍ୟା ବୃଦ୍ଧି ଏହାର ଲକ୍ଷ୍ୟ। ପ୍ରଥମ ପୁରସ୍କାର ପାଇଥିବା ମହିଳାଙ୍କ ନାମ ନଙ୍ଗୁରାଉବି। ତାଙ୍କର ଆଠଟି ଝିଅ ଓ ୬ ପୁଅ ଅଛନ୍ତି, ତାଙ୍କୁ ଏକ ଲକ୍ଷ ଟଙ୍କା ଦିଆଯାଇଛି।

ଦ୍ୱିତୀୟ ପୁରସ୍କାର ପାଇଥିବା ଲିୟାନଥାଙ୍ଗିଙ୍କ ୧୩ଟି ଛୁଆ ରହିଛି, ତାଙ୍କୁ ୩୦ହଜାର ଟଙ୍କା ଦିଆଯାଇଛି। ଦୁଇ ମହିଳା ଓ ଜଣେ ପୁରୁଷ ୩ୟ ପୁରସ୍କାର ପାଇଛନ୍ତି। ସେମାନଙ୍କର ୧୨ଟି ଲେଖାଏଁ ଛୁଆ ରହିଛନ୍ତି। ସମସ୍ତଙ୍କୁ ୨୦ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଇଛି। ଆଠଟି ଲେଖାଏଁ ଛୁଆ ଥିବା ୧୨ଜଣ ମହିଳାଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୫ହଜାର ଟଙ୍କା ଲେଖାଏଁ ଦିଆଯାଇଛି।

# ମା'ଙ୍କର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ : ତିର୍ତ୍ତୋଲ୍ ବିଧାୟକ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ମାଆ ମାନଙ୍କର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ ବୋଲି ଆଜି ରଘୁନାଥପୁର ବ୍ଲକ ନିକଟରେ ନବନିର୍ମିତ ମିଶନ ଶକ୍ତି ଗୃହକୁ ତିର୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଉଦଘାଟନ କରି ଏହା କହିଥିଲେ। ବିଧାୟକ ଶ୍ରୀ ଦାସ ଆହୁରି କହିଲେ ଯେ, ମା ମାନଙ୍କୁ ସ୍ୱାବଲମ୍ବୀ ଓ ରୋଜଗାର କ୍ଷମ କରିବା ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ମାତ୍ର ଲକ୍ଷ୍ୟ। ବିଧାୟକ ଶ୍ରୀ ଦାସ ପ୍ରଥମେ ରଘୁନାଥପୁରରେ ପହଂଚିବା ପରେ ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରଭାଦପୁରୁଷ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ମନ୍ତ୍ରୀ ବିଷ୍ଣୁଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାପରେ ହଜାର ହଜାର ଦଳୀୟ



କର୍ମୀ ଓ ମାଆ ମାନେ ତାଙ୍କୁ ବିପୁଳ ସ୍ୱାଗତ କରିଥିଲେ। ଏହାପରେ ବିଧାୟକ ରଘୁନାଥପୁର ପଂଚାୟତ ସମିତିସଭା ଗୃହରେ ୧୦୬ଜଣ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଘୁନାଥପୁର ବିଡିଓ ଜିତେନ୍ଦ୍ର କୁମାର ନାୟକ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ବ୍ଲକର ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲା ବିଜେଡି ଉପସଭାପତି ସରୋଜକାନ୍ତ ସ୍ୱାଇଁ, ବିଜେଡିନେତା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ବିଜେଡିନେତା ବିଶ୍ୱଜିତ ଦାଶ, ଜିଲ୍ଲା ବିଜେଡି ସମ୍ପାଦକ ତାରାକାନ୍ତ ଜେନା, ବିଜେଡିନେତା ଚନ୍ଦ୍ରକାନ୍ତ ପଣ୍ଡା, ସରପଂଚ ସର୍ମିଷ୍ଠା ସ୍ୱାଇଁ, ସରପଂଚ ସରୋଜ କୁମାର ଦାଶ, ବିଜେଡିନେତା ଶ୍ରୀନିବାସ ନାୟକ, ସରପଂଚ ଶେଷଦେବ ସେଠୀ, ବିଜେଡିନେତା ସରୋଜ ରାୟ, ଅହଲ୍ୟା ସ୍ୱାଇଁ, ଲିଲିପ୍ସା ପଣ୍ଡା,ଅନ୍ତର୍ଯାମୀ ରାଉତ, ଖୋକନ ରାୟ, ସରପଂଚ ଜାନକୀ ବଲ୍ଲଭ ସ୍ୱାଇଁ, ସରପଂଚ ପ୍ରମୋଦ ଜେନା, ଶୁଭ୍ରାଂସୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ଦିଲ୍ଲୀରେ...

ଦଳ ପାଇଁ ବନିଗଲେ ଉଦାହରଣ। ଖାଲି ଏତିକି ନୁହେଁ ନବୀନଙ୍କ ବ୍ୟକ୍ତିତ୍ୱ ଯେମିତି ତାଙ୍କ ସ୍ୱଳ୍ପଭାଷୀ ଫଣ୍ଡା ଆଉ କାମ କରିବାର ତରିକା ଅନ୍ୟ ରାଜନୈତିକ ଦଳକୁ ଅନୁପ୍ରାଣିତ କରିଛି। ଯେଉଁଥିପାଇଁ ଅନେକ ସମୟରେ ନବୀନଙ୍କୁ ପ୍ରଶଂସା କରିଛନ୍ତି ଅନେକ ଦଳର ଶୀର୍ଷ ରାଜନେତା।

ସବୁଠାରୁ ବଡ କଥା ହେଲା, ନବୀନ ସବୁବେଳେ ସବୁ ଦଳ ସହ ସୁ-ସଂପର୍କ ରଖିବା ସହ ସମଦୂରତାକୁ ଗୁରୁତ୍ୱ ଦିଅନ୍ତି। ୟୁପିଏ ସରକାର ହେଉ ଅବା ଏନ୍‌ଡିଏ ସରକାର, ସମସ୍ତଙ୍କ ଗୁଡଲିଷ୍ଟରେ ନବୀନ ନିର୍ବିବାଦୀୟ। ଯେତେବେଳେ କେଉଁ ବଡ ବିଲ୍ କିମ୍ବା କେଉଁ ଆଇନ୍‌କୁ ନେଇ ସଂସଦରେ ସହାୟତା ଲୋଡାଯାଏ, ବିପକ୍ଷ ପ୍ରତିଦ୍ୱନ୍ଦିଙ୍କ ମୁହଁରେ ପ୍ରଥମ ନାଁ ହିଂ ଆସେ। କେନ୍ଦ୍ରରେ ଯିଏ କେହି ବି କ୍ଷମତାକୁ ଆସନ୍ତି ସଭିଏଁ ନବୀଙ୍କ ସମର୍ଥନ ଲୋଡିବାକୁ ଘନ ଘନ ଫୋନ୍ କରନ୍ତି। ଆଉ ନବୀନ ହାତେ ମାପି ଚାଖଣ୍ଡେ ଭଳି ଚାଣକ୍ୟ ପାଲଟି ନିଷ୍ପତ୍ତି ଜଣାନ୍ତି। ଯାହାର ଅନେକ ଉଦାହାରଣ ପୂର୍ବରୁ ସାରା ଦେଶ ଦେଖିଛି।

ନିର୍ବାଚନରେ ସଫଳ ଗୋଟିଚାଳନା ହେଉ କି ବିରୋଧୀଙ୍କୁ ମାତ୍ ଦେବାର କୌଶଳ। ଅବା ଲୋକଙ୍କ ବିଶ୍ୱାସ ଓ ଭରସା ଜିତିବା ନବୀନଙ୍କୁ ବେଶ୍ ଭଲଭାବେ ଜଣା। ଖୁବ୍ କମ୍ କଥା କହୁଥିବା ନବୀନଙ୍କୁ କାମ କିନ୍ତୁ ରାଜ୍ୟରୁ ଦେଶ ଯାଏଁ କଥା କୁହେଁ। ଯାହା କି ତାଙ୍କ ଶାସନ ଗାଦିର ସୁରକ୍ଷା କବଚ ସାଜିବା ସହ ଜାତୀୟ ରାଜନୀତିରେ ଆଞ୍ଚଳିକ ଦଳ ଭାବେ ଗୋଟିଏ ପରେ ଗୋଟିଏ ସଫଳତାର ପୃଷ୍ଠା ଓଲଟାଇ ଚାଲିଛନ୍ତି।

### ଭଲ...

ଭିତରେ ଆର୍ୟନକୁ ଏନ୍‌ସିବି ଜେରା ବେଳେ ସେ ଏକ ପ୍ରତିଶ୍ରୁତି ଦେଇଛନ୍ତି। ସେ ଏନ୍‌ସିବିର ମୁମ୍ବାଇ ୟୁନିଟ୍‌ର ଜୋନାଲ୍ ନିର୍ଦ୍ଦେଶକ ୱାଙ୍ଖେଡକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେ ଭଲ କାମ କରିବେ, ଗରିବ ଓ ଅସହାୟଙ୍କୁ ସାହାର୍ଯ୍ୟ କରିବେ ଏବଂ ଦିନେ ତାଙ୍କୁ ଗର୍ବିତ କରିବେ। ଜେଲ୍‌ରୁ ମୁକୁଳିବା ପରେ ଆର୍ୟନ୍ ଭଲ କାମ କରିବା ସହିତ ଗରିବ ଓ ପୀଡିତାଙ୍କ ସାମାଜିକ ତଥା ଆର୍ଥିକ ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ମୁଁ ଏପରି କିଛି କରିନି ଯାହା ଆପଣଙ୍କୁ ମୋ ପାଇଁ ଗର୍ବିତ କରିବ।

### ତନ୍ଦୁରି...

କରିଛି ପୋଲିସ୍। ନାଗରକୋଟୱାଲିର ସିଭିଲ୍ ଲାଇନ୍ ଆଉଟ୍‌ପୋଷ୍ଟ ଦାୟିତ୍ୱରେ ଥିବା ଶିଶୁପାଲ୍ ସୋଲାଙ୍କି କହିଛନ୍ତି ଯେ ଅଭିଯୁକ୍ତର ନାମ ତାମିଜୁଦ୍ଦିନ ଏବଂ ସେ ବିହାରର କିଶାନଗଞ୍ଜରର। ସେ ଏଠାରେ ପଞ୍ଚାବତିର ଅହିମଶା ଭାଟିରେ ଅବସ୍ଥିତ ଚିକେନ୍ ପଏଣ୍ଟରେ ତନ୍ଦୁରି ରୁଟି ତିଆରି କରୁଥିଲେ। ସେ କହିଛନ୍ତି ଯେ ତାମିଜୁଦ୍ଦିନଙ୍କ ସହ ଢାବା ସଂଚାଳକ ସାଦାଭ ଓ ସାହିଲ୍‌ଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ବୋଲି ହିନ୍ଦୁ ରକ୍ଷା ଦଳର ରାଜ୍ୟ ସଂଯୋଗକ ଗୌରବ କହିଛନ୍ତି। ତେବେ ଭିଡିଓଟି ଦୁଇଦିନ ତଳର ବୋଲି କୁହାଯାଇଛି।

### ଡାକ୍ତରାଣୀଙ୍କୁ...

ଡାକ୍ତର ତାଙ୍କୁ ଅକ୍ଟୋବର ୧୦ରେ ଘରକୁ ଡାକି ପାର୍ଟି ଦେଇଥିଲେ। ପାର୍ଟିରେ ମଦ ପାନ କରିବାକୁ ଦିଆଯାଇଥିଲା। ତାଙ୍କୁ ଜୋର୍ ଜବରଦସ୍ତ ମଦ ପିଆଇଥିଲେ ଅଭିଯୁକ୍ତ। ଅଧିକ ନିଶା ହୋଇଯିବାରୁ ରାତିରେ ସେ ଡାକ୍ତର ଘରେ ରହିଯାଇଥିଲେ। ମଦ ନିଶାରେ ଡାକ୍ତରଜଣକ ତାଙ୍କୁ ଦୁଷ୍କର୍ମ କରିଥିବା ସେ ଅଭିଯୋଗ କରିଥିଲେ। ତା ପରଦିନ ସକାଳେ ହୋସ୍ ଫେରିବା ପରେ ପିଡିତା ଏ ନେଇ ଡାକ୍ତରଙ୍କୁ ଜଣାଇବା ସହ ବିରୋଧ ମଧ୍ୟ କରିଥିଲେ। ଏହା ଶୁଣିବା ପରେ ଅଭିଯୁକ୍ତ ପିଡିତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପିଡିତାଙ୍କ ଅଭିଯୋଗ ପାଇଲା ପରେ ମାମଲା ରୁଜୁ କରିଛି ହଜ୍‌ଖାସ୍ ପୋଲିସ୍। ଖୁବ୍‌ଶୀଘ୍ର ଅଭିଯୁକ୍ତ ଡାକ୍ତରକୁ ଗିରଫ କରାଯିବ ବୋଲି ପୋଲିସ୍ କହିଛି।

### ଅଟା...

ମିଶ୍ରଣ କରାଯାଉଥିବାରୁ ତାକୁ ଚିହ୍ନିବା ନିହାତି ଜରୁରୀ। ତେବେ ଏଥିରୁ ବର୍ତ୍ତିବା ପାଇଁ FSSAI ପକ୍ଷରୁ କିଛି ଟିପ୍ସ ଦିଆଯାଇଛି। ତେବେ ଅଟା ବା ମଇଦାରେ ଏହି କେମିକାଲ୍ ମିଶିଛି ନା ନାହିଁ ଜାଣିବା ପାଇଁ ଆପଣ ଏକ ଟେଷ୍ଟଟ୍ୟୁବ୍‌ରେ ଏକ ଗ୍ରାମ ମଇଦା ନିଅନ୍ତୁ, ଏହାପରେ ଏଥିରେ ୫ମିଲି ପାଣି ଢାଳନ୍ତୁ ଓ ଭଲଭାବରେ ତାକୁ ମିଶାନ୍ତୁ, ଏହି ପ୍ରକ୍ରିୟା ପରେ ଟେଷ୍ଟଟ୍ୟୁବ୍‌ରେ କନ୍‌ସେଟ୍ରେଡ୍ ଏଚ୍‌ସିଏଲ୍‌ର କିଛି ବୁନ୍ଦା ମିଶାନ୍ତୁ। ଏହି ସଲ୍ୟୁସନ୍‌ରେ ଏକ ଟରମେରିକ୍ ପେପର ପକାନ୍ତୁ। ଯଦି ମଇଦା ଶୁଦ୍ଧ ହୋଇଥିବ, ତେବେ ପେପରର ରଙ୍ଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଯଦି ପେପର ରଙ୍ଗ ଲାଲ୍ ପଡିଯାଏ ତେବେ ସେଥିରେ କିଛି କେମିକାଲ୍ ମିଶ୍ରଣ ହୋଇଛି ବୋଲି ଆପଣ ନିଶ୍ଚୟ ଜାଣିଯାଆନ୍ତୁ। ସୂଚନାଯୋଗ୍ୟ ଯେ ବୋରିକ୍ ଏସିଡ୍ ଆମ ଶରୀର ପାଇଁ ବହୁ କ୍ଷତିକାରକ ହୋଇଥାଏ। ଏହାଦ୍ୱାରା ପେଟରେ ଦରଜ, ଜ୍ୱର, ତ୍ୱଚା ଜଳାପୋଡା, ପେର୍ବ୍ଲିକ୍ ଇନ୍‌ଫ୍ଲେମେଟରୀ ଓ ହାଇ ବ୍ଲଡ୍‌ପ୍ରେସର ପରି ସମସ୍ୟା ବୃଦ୍ଧି ହେଉଥିବା ଏହି ରିପୋର୍ଟରୁ ଜଣାପଡିଛି।

### ନାବାଳିକାକୁ...

ଯେତବେଳେ ଷଷ୍ଠ ଶ୍ରେଣୀରେ ପଢୁଥିଲେ ତାଙ୍କ ବାପା ତାଙ୍କୁ ପ୍ରଥମ ଥର ପାଇଁ ଦୁଷ୍କର୍ମ କରିଥିଲେ। ସେବେଠାରୁ ତାଙ୍କ ବାପା ଏକାଧିକ ଥର ତାଙ୍କ ସହ ଯୌନଶୋଷଣ କରିଛନ୍ତି। ଖାଲି ସେତିକି ନୁହେଁ ବାଳିକା ଜଣକ ଆହୁରି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ବ୍ୟବସାୟ ଉଦ୍ଦେଶ୍ୟରେ ତାଙ୍କ ବାପା ବାହାର ଲୋକଙ୍କୁ ଡାକନ୍ତି ଏବଂ ତାଙ୍କ ସହ ଶାରୀର ସଂପର୍କ ରଖିବା ପାଇଁ ବାଧ କରିଥିଲେ। ଅଭିଯୁକ୍ତ ବାପା ହେଉଛନ୍ତି ସମାଜବାଦୀ ପାର୍ଟି ଜିଲ୍ଲା ସଭାପତି ତିଲକ ଯାଦବ। ସେହିପରି ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି)ଜିଲ୍ଲା ସଭାପତି ଦୀପକ ଅହିରଭାର ସହ ତାଙ୍କ ୩ ଭାଇ ଏବଂ ବିଏସ୍‌ପି ଉପାଧକ୍ଷ ନୀରଜ ତିୱାରୀ ଏବଂ ତାଙ୍କ ପରିବାରର କିଛି ସଦସ୍ୟ ଏହ୍ୟ ଘୃଣ୍ୟ କାର୍ଯ୍ୟ କରିଥିବା ନାବାଳିକା ଜଣକ ଅଭିଯୋଗ କରିଛନ୍ତି। ତେବେ ଘଟଣା ସଂପର୍କରେ କାହାକୁ କିଛି ନ କହିବାକୁ ପୀଡିତାଙ୍କ ବାପା ଧମକ ଦେଇଥିଲେ। ଯଦି କେଉଁଠି ପ୍ରକାଶ କରେ ତେବେ ତୋ ମା'କୁ ହତ୍ୟା କରିଦେବେ ବୋଲି ବାପା ଧମକ ଦେଇଥିବା ପୀଡିତା ଅଭିଯୋଗ କରିଛନ୍ତି। ପୀଡିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ୩୫୪, ୩୭୬(ଡି), ୩୨୩, ୩୨୮, ୫୦୬, ୧୨୦(ବି) ଆଧାରରେ ମାମଲା ରୁଜୁ କରିଛି।

ଲଳିତପୁର ଏଏସ୍‌ପି ଗିରିଜେଶ୍ କୁମାର କହିଛନ୍ତି ବିଳମ୍ବିତ ରାତିରେ ୨୮ଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ପୀଡିତାଜଣକ ନାବାଳିକା ହୋଇଥିବା ବେଳେ ତାଙ୍କର ଜଣେ ଭାଇ ଅଛନ୍ତି ବୋଲି ସେ କହିଛନ୍ତି। ଏହି ସମ୍ବେଦନଶୀଳ ଘଟଣା ସଂପର୍କରେ ସମସ୍ତ ତଥ୍ୟ ଯାଞ୍ଚ କରାଯାଉଛି। ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ସେହିପରି ପୀଡିତାଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ ସରିଛି। ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରାଯିବ ବୋଲି ପୋଲିସ୍ କହିଥିବାର ନ୍ୟୁଜ୍ ପୋର୍ଟାଲ୍‌ରେ ପ୍ରକାଶ ପାଇଛି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଅକ୍ଟୋବର ୧୮ ରୁ ୨୪, ୨୦୨୧, ଜଗତସିଂହପୁର

October 18 to 24, 2021, Jagatsinghpur

www.samparkabarta.in




# ନବୀନଙ୍କ ମୟୂରଭଞ୍ଜ ଗସ୍ତ ୨୨

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ତୃଣମୂଳ ସ୍ତରରେ ନିଜର ସଂଗଠନକୁ ଅଧିକ କ୍ରିୟାଶୀଳ କରିବାକୁ ଲକ୍ଷ ରଖିଥିବା ବେଳେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶହରା ପୂଜା ପରେ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲା ଗସ୍ତ ଆରମ୍ଭ କରିବେ। ଆସନ୍ତା ଅକ୍ଟୋବର ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବାରିପଦା ଗସ୍ତରେ ଯାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି।

ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଆସନ୍ତା ୨୨ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସରକାରୀ ହୋଇଥିବା ବେଳେ ବିଜେଡି ପକ୍ଷରୁ ଏଥିରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ବାରିପଦା ଗସ୍ତ ବେଳେ ୧୫ଶହ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରି ସିଧାସଳଖ ବିଜେଡି ସପକ୍ଷରେ ଜନମତ ସୃଷ୍ଟି ପାଇଁ ଦଳ ରଣନୀତି ପ୍ରସ୍ତୁତ କରିଛି।

ବିଜେଡିର ମନ୍ତ୍ରୀ-ବିଧାୟକ ଓ ନେତାମାନେ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ୍‌ରେ ଡେରା ପକାଇ ଦଳୀୟ କର୍ମକର୍ତ୍ତାମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ




ଦେଖାଇବା ସହ ଏହି କାର୍ଡ ବଣ୍ଟନ କରି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ କରାଇବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ଜିଲ୍ଲାର ସମସ୍ତ ପୌରାଞ୍ଚଳ ଓ ଏନ୍‌ଏସିରେ ମଧ ବିଜେଡି ନିଜର ନେତାମାନଙ୍କୁ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି।

୨୦୧୭ ପଞ୍ଚାୟତ ନିର୍ବାଚନ ଓ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ ଜିଲ୍ଲାରେ ଆଶାନୁରୂପ ଫଳ ମିଳିନଥିବା ବେଳେ ଦଳ ଏଥର କିନ୍ତୁ ବିରୋଧୀଙ୍କୁ ମାତ୍ ଦେଇ ନିଜର ଭୋଟ ବ୍ୟାଙ୍କକୁ ସୁଦୃଢ କରିବାକୁ ଲକ୍ଷ୍ୟ ରଖିଛି। ବିଜେଡି ପ୍ରାୟ ୧୮ଜଣ ମନ୍ତ୍ରୀ, ୩୦ରୁ ଅଧିକ ବିଧାୟକ, ସରକାରୀ ଉଦ୍ୟୋଗ, ନିଗମ ଓ ବୋର୍ଡ ଅଧ୍ୟକ୍ଷ, ସରକାରଙ୍କ ପରାମର୍ଶଦାତା ଆଦି ମୋଟ ପ୍ରାୟ ୧୦୦ରୁ ଅଧିକ ବିଜେଡି ନେତାଙ୍କୁ ଏହି କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ନିୟୋଜିତ କରିବ ବୋଲି ଜଣାପଡିଛି। ଏହି ନେତାମାନଙ୍କୁ ୨୧ ତାରିଖ ସନ୍ଧ୍ୟା ସୁଦ୍ଧା ଆବଣ୍ଟିତ ବ୍ଲକ୍ ଓ ପୌରାଞ୍ଚଳରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ ଆଳରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୨୦୧୭ ନିର୍ବାଚନରେ ବିଜେଡି ଦୁର୍ବଳ ପ୍ରଦର୍ଶନ କରିଥିବା ଜିଲ୍ଲାଗୁଡିକୁ ଗସ୍ତ କରିଛନ୍ତି। କରୋନା କଟକଣା ମଧ୍ୟରେ ବି କାର୍ଡ ବଣ୍ଟନର ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ମାଲକାନାଗିରି, ସୁନ୍ଦରଗଡ, ବଲାଙ୍ଗୀର, ଗଜପତି ଓ ପୁରୀ ଜିଲ୍ଲା ଗସ୍ତ କରିସାରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ନଭେମ୍ବର ମାସ ଶେଷ ସୁଦ୍ଧା ଅନ୍ୟ ଜିଲ୍ଲାଗୁଡିକରେ ଏହି ସରକାରୀ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି।

# ଓଡ଼ିଶା ବିରୋଧୀଙ୍କୁ ଗିରଫ କରାଯାଉ

**କୋରାପୁଟ(ସଂପର୍କବାର୍ତ୍ତା):-** ଓଡ଼ିଶାରେ ରହି ରାଜ୍ୟ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ଦଲାଲ୍‌ମାନଙ୍କୁ ଜାତୀୟ ସୁରକ୍ଷା ଅଧିନିୟମରେ ଗିରଫ କରାଯାଉ ବୋଲି ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ତଥା କରୋପୁଟ ଜିଲ୍ଲା ବିଜେଡି ସଭାପତି ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଦାବି କରିଛନ୍ତି। ଆନ୍ଧ୍ର ପ୍ରଦେଶର ଅଧିକାରୀ ଓ ରାଜନେତାମାନଙ୍କ ବାରମ୍ବାର କୋଟିଆରେ ଅନୁପ୍ରବେଶକୁ ସେ ବିରୋଧ କରିଛନ୍ତି। ଆନ୍ଧ୍ର ପ୍ରଦେଶ ପାର୍ବତୀପୁରମ୍ ଆଇଟିଡିଏ ଅଧିକାରୀ ଓ କର୍ମଚାରୀ ବୁଧବାର କୋଟିଆରେ ଅନୁପ୍ରବେଶ କରିଥିଲେ। ଏହାକୁ ପଟାଙ୍ଗି ବିଧାୟକ ପ୍ରିତମ ପାଢୀ ଦୃଢ ବିରୋଧ କରିବା ସହିତ ଅଧିକାରୀମାନଙ୍କୁ ଏଠାରୁ ତୁରନ୍ତ ଚାଲିଯିବାକୁ ଦାଗିତ୍ କରିଥିଲେ। ଏହି ଘଟଣାକୁ ନେଇ ବିଧାୟକ ଓ ଅଧିକାରୀଙ୍କ ମଧ୍ୟରେ ବହୁ ସମୟ କଥା କଟାକଟି ହୋଇଥିଲା। ଓଡ଼ିଶା ମାଟିର ସୁରକ୍ଷା ସମସ୍ତଙ୍କର।



ଏହି ବିବାଦର ସମାଧାନ ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାର କୋଟିଆ ପଞ୍ଚାୟତର ଲୋକଙ୍କ କଲ୍ୟାଣ ସହିତ ଅଞ୍ଚଳର ବିକାଶ ପାଇଁ ଜୀବନ ଜୀବୀକା କାର୍ଯ୍ୟକ୍ରମ, ଶିକ୍ଷା, ଗମନାଗମନ ଓ ବିଭିନ୍ନ ସାମାଜିକ ବିକାଶ ଯୋଜନା କରୁଛନ୍ତି। ଓଡ଼ିଶାରେ ରହି ରାଜ୍ୟ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ଦଲାଲ୍‌ମାନଙ୍କୁ ଚିହ୍ନଟ କରାଯାଇ ଜାତୀୟ ସୁରକ୍ଷା ଅଧିନିୟମରେ ଗିରଫ କରିବାକୁ ସେ ଦାବି କରିଛନ୍ତି। ଯଦି ଗିରଫ କରାନଯାଏ ତେବେ ଦଲାଲମାନଙ୍କ ଦ୍ୱାରା ଓଡ଼ିଶା ଲୋକେ ପ୍ରଭାବିତ ହୋଇ ଆନ୍ଧ୍ର ପ୍ରତି ଆକୃଷ୍ଟ ହେବାର ସମ୍ଭାବନା ରହିଥିବା ସେ ସୂଚନା ଦେଇଛନ୍ତି। ଆନ୍ଧ୍ର ଅଧିକାରୀ ଅନୁପ୍ରବେଶ କରି ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି। ଆନ୍ଧ୍ରକୁ ରାଜ୍ୟ ସରକାର ଉଚିତ୍ ଜାବାବ୍ ଦେବେ ବୋଲି କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ୍ ସୂଚନା ଦେଇଛନ୍ତି।

# ଚିଲିକା-ବାଲୁଗାଁରେ 'ରାନୀ ପଣ୍ଡା ମୋମୋ ଷ୍ଟଲ୍'

**ଖୋର୍ଦ୍ଧା(ସଂପର୍କବାର୍ତ୍ତା):-** ରାନୀ ପଣ୍ଡା ହଟ୍ ମୋମୋ। ରାନୀଙ୍କ ନାଁରେ ମୋମୋ ଷ୍ଟଲ୍। ଏ କଥା ଶୁଣିବା ପରେ ଆପଣଙ୍କୁ ଲାଗୁଥିବ ରାନୀ ପଣ୍ଡା କଲେଣି ମୋମୋ ଷ୍ଟଲ୍? ନା ଯାତ୍ରା ଜଗତରୁ ଆସି ବ୍ୟବସାୟରେ ଦେଲେ ପାଦ? ନାଇ ଆଜ୍ଞା ସେ ଭ୍ରମରେ ପଡନ୍ତୁନି କି ଆମେ ବି ସେମିତି ସମ୍ମତି ଖବର ଦେଉଛୁ। ରାନୀଙ୍କ ନାଁରେ ଜଣେ ପ୍ରଶଂସକ କରିଛନ୍ତି ମୋମୋ ଷ୍ଟଲ୍। ଆଉ ଏବେ ବଜାରରେ ବିକ୍ରି ହେଉଛି ରାନୀ ପଣ୍ଡା ହଟ୍ ମୋମୋ।

ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବଜାରରେ ରାନୀଙ୍କ ନାଁରେ ଷ୍ଟଲ୍‌ଟିଏ କରି ଗରମାଗରମ ମୋମୋ ବିକୁଛନ୍ତି ବିକାଶ ଦାସ। ଆଉ ଦୋକାନର ନାଁ ରଖିଛନ୍ତି ରାନୀ ପଣ୍ଡା ମୋମୋଷ୍ଟଲ୍।




ପୋଷ୍ଟରରେ ରାନୀଙ୍କର ଏକ ଫଟୋ ରଖି ଲେଖିଛନ୍ତି 'ଲେଡି ସିଙ୍ଘମ୍' ସଞ୍ଜ ହେବା କ୍ଷଣି ବାଲୁଗାଁ-ଚିଲିକା ବଜାରରେ ଥିବା ଏହି ଷ୍ଟଲ୍ ପାଖରେ ଲାଗୁଛି ଭିଡ। ଚଟ୍‌ପଟି ମୋମୋ ଖାଇବାକୁ ଲୋକଙ୍କର ଗହଳି ଯେତିକି ଲାଗୁଛି ଷ୍ଟଲ୍‌ର ନାମକରଣ ଲୋକଙ୍କୁ ସେତିକି ଟାଣୁଛି।

ବିକାଶ ହେଉଛନ୍ତି ରାନୀ ପଣ୍ଡାଙ୍କ ଜଣେ ବଡ ପ୍ରଶଂସକ। ରାନୀଙ୍କ ଡ୍ୟାନ୍ସ ଓ ଅଭିନୟକୁ ସେମିତି ପ୍ରଭାବିତ କରିଛି। ଅସହାୟ ଲୋକଙ୍କୁ ଅସମୟରେ ରାନୀଙ୍କ ସାହାଯ୍ୟ, ସହଯୋଗ ଓ ସମାଜସେବା ରାନୀଙ୍କ ପ୍ରତି ତାଙ୍କ ସମ୍ମାନକୁ ବଢାଇ ଦେଇଛି। ବନ୍ୟାବେଳେ ଯେଉଁଠି ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ପାରିନଥିଲା ସେତବେଳେ ଆଣ୍ଠୁଏ ପାଣି କାଦୁଅରେ ପଶି ଲୋକଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟୁଥିଲେ ରାନୀ। ଖୋର୍ଦ୍ଧା ବାଲିପାଟଣାର ମେଣ୍ଢା ଚରାଇ ପରିବାର ପୋଶୁଥିବା କଲେଜ ଛାତ୍ରୀ ସସ୍ମିତା ହୁଅନ୍ତୁ କି ଗରୀବ ଝିଅ ରୋଜୀଙ୍କ ସାର୍ଟିଫିକେଟ୍ ମୁକୁଳାଇବାକୁ ହେଉ, ରାନୀଙ୍କ ସହାୟତା ଓ କରୋନା ମୁକାବିଲା ବେସ୍ ମାନବାଦୀର ଉଦାହରଣ ସୃଷ୍ଟି କରିଛି। ପୁଣି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୫୦ହଜାର ଦାନ କରିଛନ୍ତି। ବିଭିନ୍ନ ସମୟରେ ଯାତ୍ରା ଜଗତର ବିବାଦୀୟ ଆଇଟମ୍ ଗାର୍ଲ ଏମିତି କିଛି ମହାନ କାମ ବିକାଶକୁ ଗଭୀର ଭାବେ ପ୍ରଭାବିତ କରିଛି। ଆଉ ସେ ଯେତେବେଳେ ଇଂଜିନିୟର ଚାକିରୀ ଛାଡି ନିଜର ଷ୍ଟାଟ୍‌ଅପ୍ କରିବାକୁ ଚାହୁଁଥିଲେ ସେତିକିବେଳେ ରାନୀଙ୍କ ନାଁରେ ମୋମୋ ଷ୍ଟଲ୍ ଖୋଲିଲେ ବିକାଶ।

ତେବେ ଦୁବାଇରେ ଇଂଜିନିୟର ଭାବେ ଚାକିରୀ କଲାବେଳେ ତାଙ୍କର ଜଣେ ନେପାଳୀ ବନ୍ଧୁଙ୍କ ପାଖରୁ ଏହି ମୋମୋ ତିଆରି ଶିଖିଥିଲେ। ଆଉ ଲକ୍‌ଡାଉନ୍ ପାଇଁ ଯେତେବେଳେ ଚାକିରୀ ଗଲା ସେତିକି ବେଳେ ମୋମୋ ଷ୍ଟଲ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ସେ ଭଲ ରୋଜଗାର କରିବା ସହ ଅନ୍ୟମାନଙ୍କୁ ବି ରୋଜଗାର ଯୋଗାଇପାରିଛନ୍ତି। ଲକ୍‌ଡାଉନ୍ ସମୟରେ ଶ୍ରମିକଙ୍କ ଭଗବାନ ସାଜିଥିବା ଅସହାୟଙ୍କ ଦେବଦୂତ ସାଜିଥିବା ସୋନୁଙ୍କ ନାଁରେ ଅନେକ ଦୋକାନ ରହିଥିବା ନଜୀର ରହିଛି। ଆଉ ଏବେ ଓଡ଼ିଶାରେ ସମାଜସେବା କରୁଥିବା ରାନୀଙ୍କ ବଡପଣ ଦେଖି ତାଙ୍କ ନାଁରେ ଏକ ମୋମୋ ଷ୍ଟଲ୍ ଖୋଲି ତାଙ୍କ ହୃଦୟକୁ ସମ୍ମାନ ଦେଇଛନ୍ତି ବିକାଶ।

## ରଘୁନାଥପୁରରେ ହତ୍ୟାକାଣ୍ଡ

# ୧କୁ ମାରିଲେ ୯, ୪ ଗିରଫ, ଅବଶିଷ୍ଟ ଲୁଚିଛନ୍ତି



**ରଘୁନାଥପୁର(ସଂପର୍କବାର୍ତ୍ତା):-** ଯୁବକଙ୍କୁ ସଂଘ ବଦ୍ଧ ଭାବେ ପିଟିପିଟି ଜୀବନରୁ ମାରି ୪ଜଣ ଆସାମୀ ଜେଲ ଯାଇଛନ୍ତି। ଘଟଣାରୁ ପ୍ରକାଶ, ରଘୁନାଥପୁର ଥାନା ଅନ୍ତର୍ଗତ ରଘୁନାଥପୁର ହୁରାସାହି ଗ୍ରାମର ସୁନାକର ରଣାଙ୍କ ପୁଅ ହିମାଂଶୁ ରଣା (୨୩) ଓ ଟୁକୁନା ପରିଡାଙ୍କ ପୁଅ ଶ୍ରୀକାନ୍ତ ପରିଡା (୨୨) ଗତକାଲି ରାତି ୮ଟାରେ ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ନିଜ ୟାମାହା ବାଇକରେ ଯାଉଥିବା ସମୟରେ କିଶନନଗର ଥାନା ଅନ୍ତର୍ଗତ ବୋଦର ଗ୍ରାମର ବରଦା ବେହେରା ଏକ ବାଇକରେ ୩ଜଣଙ୍କୁ ବସାଇ ତାଙ୍କୁ ଧକ୍କା ଦେଇଥିଲେ। ଏହି ଧକ୍କାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ବୋଦର ଗ୍ରାମର ଉକ୍ତ ୩ଜଣ ଯୁବକ ତାଙ୍କର ଅନ୍ୟ ୭-୮ଜଣ ସାଙ୍ଗଙ୍କୁ ଡକାଇ ଅଯୋଦ୍ଧାପୁର ଜେନା ସାହି ବରଗଛ ନିକଟକୁ ହିମାଂଶୁ ରଣା ଓ ତାଙ୍କ ସାଙ୍ଗ ଶ୍ରୀକାନ୍ତ ପରିଡାକୁ ଡକାଇଥିଲେ। ହିମାଂଶୁ ରଣା ଓ ଶ୍ରୀକାନ୍ତ ପରିଡା ସେଠାରେ ପହଂଚିବା ପରେ କିଶନନଗର ଥାନା ଅନ୍ତର୍ଗତ ବୋଦର ଗ୍ରାମର ସୁକଦେବ ପଲେଇଙ୍କ ପୁଅ ପିତବାସ ପଲେଇ (ଛବି)(୩୯), ବୋଦର ଗ୍ରାମର ଅରକ୍ଷିତ ବେହେରାଙ୍କ ପୁଅ ବରଦା ବେହେରା(ଜାନି)(୨୨), ବୋଦର ଗ୍ରାମର ଶରତ ବାରିକଙ୍କ ପୁଅ ମନୋରଂଜନ ବାରିକ(କାଲୁ)(୩୩), ବୋଦର ଗ୍ରାମର ସୁକଦେବ ଦାସଙ୍କ ପୁଅ ସନାତନ ଦାସ(ଟନା)(୩୧) ଓ ଅନ୍ୟ ୬ଜଣରୁ ଉର୍ଦ୍ଧ୍ୱ ଯୁବକ ମିଶି ହିମାଂଶୁ ଓ ଶ୍ରୀକାନ୍ତଙ୍କୁ ଗଛ ମୁଳିଆ, କାଠଫାଳିଆରେ ନିର୍ମମଭାବେ ପିଟିପିଟି ହିମାଂଶୁ ରଣାଙ୍କୁ ଜୀବନରୁ ମାରି ଦେଇଥିବା ବେଳେ ଶ୍ରୀକାନ୍ତକୁ ଗୁରୁତର ଅବସ୍ଥାରେ ଛାଡି ପଳାଇଥିଲେ। ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀମାନେ ଘଟଣା ସ୍ଥଳରେ ଗତକାଲି ରାତି ୯ଟାରେ ପହଂଚି ସେଠାରୁ ହିମାଂଶୁ ଓ ଶ୍ରୀକାନ୍ତକୁ ରଘୁନାଥପୁର ମେଡିକାଲକୁ ଆଣିଭର୍ତ୍ତି କରିଥିଲେ। ରଘୁନାଥପୁର ମେଡିକାଲରେ ଡାକ୍ତର ହିମାଂଶୁ ରଣାଙ୍କୁ ମୃତ ଘୋଷଣା କରିଥିବା ବେଳେ ଶ୍ରୀକାନ୍ତକୁ ପ୍ରାଥମିକ ଚିକିତ୍ସା କରାଇ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ମେଡିକାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରିଥିଲେ। ମୃତ ହିମାଂସୁ ରଣାର ଭାଇ ବଳରାମ ରଣା ରଘୁନାଥପୁର ଥାନାରେ ଏ ସମ୍ପର୍କରେ ଅଭିଯୋଗ ଦେବାପରେ ଥାନା ଆଇଆଇସି ଦେବେନ୍ଦ୍ର ମହାପାତ୍ର, ପୋଲିସ ଏସଆଇ ହିଦାୟତ ଅହମ୍ମଦ, ପୋଲିସ ଏସଆଇ ଗୟଶ ମହମ୍ମଦ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ କରିବା ସହ ହିମାଂଶୁଙ୍କୁ ହତ୍ୟା କରିଥିବା ଉପରୋକ୍ତ ଛବି, ଜାନି, କାଲୁ, ଟନାଙ୍କୁ ଗିରଫ କରି ସେମାନଙ୍କ ନାମରେ କେସ ନଂ ୧୪୨/୨୦୨୧, ଭାରତୀୟ ପିଙ୍ଗଳ ଦଫା ୩୦୨,୩୪ ରୁଜୁ କରି କୋର୍ଟଚାଲଣା କରିଛନ୍ତି। ସେମାନଙ୍କର ଜାମିନକୁ ଅଦାଲତ ନାମଂଜୁର କରିବାରୁ ସେମାନଙ୍କୁ ଆଳିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି। ମୃତ ହିମାଂଶୁ ରଣାଙ୍କ ମରଶରୀରକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ଏହି ହତ୍ୟା ଘଟଣାରେ ସଂପୃକ୍ତ ଅନ୍ୟ ଆସାମୀ ମାନେ ଫେରାର ହୋଇଯାଇଛନ୍ତି।

# ବିଜେପି ପୂର୍ବରୁ ବୁଥ୍ ଜଗୁଥିଲା, ଏବେ ୱାର୍ଡ ଜଗିବ:ଦେବୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଛି ବିଜେପି। ଏ ନେଇ ଦଳୀୟ କାର୍ଯ୍ୟାଳୟରେ ବସୁଛି ଦିନ ତମାମ ବୈଠକ। ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ଉପସଭାପତି ତଥା ବିଧାୟକ ଦେବୀ ପ୍ରସାଦ ମିଶ୍ର। ବିଜେଡି ପ୍ରତି ଲୋକଙ୍କ ଆଶିର୍ବାଦ ରହିଛି ବୋଲି କହିଛନ୍ତି ଦେବୀ। ବିଜେପି ପୂର୍ବରୁ ବୁଥ୍ ଜଗୁଥିଲା ଏବେ ୱାର୍ଡ ଜଗିବ। ସେଥିରେ ବିଜେଡିର କିଛି ସମସ୍ୟା ନାହିଁ। ବିଜେଡି ପ୍ରତି ଲୋକଙ୍କ ଆଶିର୍ବାଦ ରହିଛି। ନବୀନଙ୍କ ଉପରେ ଭରଷା ରହିଛି। ପିପିଲି, ବାଲେଶ୍ୱର, ତିର୍ତ୍ତୋଲ୍ ଉପ-ନିର୍ବାଚନରେ ଲୋକେ ଆଶିର୍ବାଦ କରିଛନ୍ତି। ପଞ୍ଚାୟତ



ନିର୍ବାଚନରେ ବି ବିଜେଡି ମାଜିମାତ୍ କରିବ। ନିର୍ବାଚନ ଥାଉ ବା ନଥାଉ ବିକାଶମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ସାମାଜିକ ନିରାପତ୍ତା ଉପରେ ରାଜ୍ୟର ଉଲ୍ଲେଖନୀୟ ଭୂମିକା ନେଉଛି ବୋଲି ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

# ଆରତୀ ଟିଭିଏସ ସୋରୁମ ଉଦଘାଟିତ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବଜାରରେ ଆରତୀ ଟିଭିଏସର ଏକ ସୋରୁମକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ରାଜକିଶୋର ବେହେରା ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଷ୍ଟେଟ ବ୍ୟାଙ୍କର ଡେପୁଟି ମ୍ୟାନେଜର ସୁଶାନ୍ତ କୁମାର ଦାସ, ଗୀତା ମୋଟର୍ସ ପ୍ରାଇଭେଟ



ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସମୀର କୁମାର ଲେଙ୍କା, ଟିଏମ ଟିଭିଏସ ଦେବାଶିଷ ସର, ସମ୍ବିତ ଦାସ, ସୁମିତ ଦାସ, ସୁଜିତ ଦାସ, ସରେନ୍ଦ୍ର ଦାସ, ବୁଟୁ ମହାନ୍ତି, ବୁଟୁ ନାୟକ, ସଂଜୟ ନାୟକ, ଜ୍ୟୋତିର୍ମୟ ବିଶ୍ୱାଳ, ରାଜେଶ କୁମାର ଦାସ, ମହିମା ଓଝା, ଶରତ କାଣ୍ଡି, ସ୍ମୃତିରଂଜନ, କୁମାର ଅବିଶାନ ପ୍ରମୁଖ ଯୋଗଦେଇଥିଲେ।

# ସମ୍ପାଦକୀୟ

## ଦୁର୍ଗା

ଗୋବିନ୍ଦ ବଲ୍ଲଭ ବାବୁ ଚାକିରୀରୁ ଅବସର ନେବାର ପ୍ରାୟ ୧୨ ବର୍ଷ ହୋଇଗଲାଣି। ଏହାରି ଭିତରେ ଜୀବନ ତମାମ ସଂପୂର୍ଣ୍ଣ ସକ୍ରୀୟ ଓ ଚଳଚଞ୍ଚଳ ଥିବା ଗୋବିନ୍ଦ ବଲ୍ଲଭ, ଏବେ କେତେ ବର୍ଷ ହେଲା ମାନ୍ଦା ହୋଇଯାଇଛନ୍ତି। ମୋଟାମୋଟି କହିବାକୁ ଗଲେ ସେ ମାନସିକ ସ୍ତରରେ ଜଣେ ଉଡନ୍ତା ପକ୍ଷୀ। ତାଙ୍କ ମନ ସବୁବେଳେ କହୁଥାଏ, ଦୁନିଆର କୋଣ ଅନୁକୋଣ ବୁଲି ଲୋକମାନଙ୍କ ସହିତ ଭେଟିବା। ସେମାନଙ୍କ ସଂପର୍କରେ ଜାଣିବା ଏବଂ ସେମାନଙ୍କ ଦୁଃଖସୁଖରେ ସମଭାଗୀ ହେବା। ଏମିତି ଏକ ଆଦର୍ଶକୁ ନେଇ ବଞ୍ଚିଛନ୍ତି। ସାମ୍ନାରେ ଥିବା ଲୋକଟି ଯଦି ଦୁଃଖୀ, ତେବେ ଗୋବିନ୍ଦ ବଲ୍ଲବ ଯେତେ ଖୁସିରେ ଥାଆନ୍ତୁ ନା କାହିଁକି ସେ ସଙ୍ଗେ ସଙ୍ଗେ ଦୁଃଖୀ ହୋଇଯାଆନ୍ତି, ସେ ଅନ୍ୟର କଷ୍ଟ ଦେଖି ସହିପାରନ୍ତି ନାହିଁ। ତେଣୁ ସବୁବେଳେ ଯତ୍ପରୋନାସ୍ତି ସେ ଚେଷ୍ଟା କରନ୍ତି କେମେତି ଅସୁସ୍ଥ ଥିବା ଲୋକଟି ପାଖରେ ପହଞ୍ଚିବେ ଏବଂ ତାଙ୍କୁ ସାହାଯ୍ୟ ସହଯୋଗ କରିବେ। ସେଥିରେ ହିଁ ତାଙ୍କୁ ସ୍ୱର୍ଗୀୟ ଆନନ୍ଦ ମିଳେ।

କିଛି ଦିନ ତଳେ ଗୋବିନ୍ଦ ବଲ୍ଲବ ହଠାତ୍ ଅସୁସ୍ଥ ହୋଇଯାଇଥିଲେ। କିନ୍ତୁ ତାଙ୍କ ଅସୁସ୍ଥା ସଂପର୍କରେ କାହା ପାଖରେ ଖବର ନ ଥିଲା। କାରଣ ଯେତେ ଅସୁବିଧାରେ ଥିଲେ ବି ସେ କେବେ ନିଜ ମୁହଁ ଖୋଲି କିଛି କହନ୍ତି ନାହିଁ। ପୁରା ଦୁନିଆର ସୁଖଶାନ୍ତି କଥା ଚିନ୍ତା କରୁଥିବା ମଣିଷଟାଏ, ନିଜ ବେଳକୁ କଥା ଆସିଲେ ସଂପୂର୍ଣ୍ଣ ବେଖିଆଲ୍ ମନୋଭାବ। ପୁଅମାନେ ଘରଠୁଁ ଢେର୍ ଦୂରରେ ରହୁଛନ୍ତି ନିଜର ଜୀବନଜୀବିକା ଯୋଗାଡ ପାଇଁ। ତେଣୁ ଆବଶ୍ୟକତା ସମୟରେ ସେମାନଙ୍କ ବାପା-ମା’ ପାଖରେ ହାଜର ହୋଇପାରୁନାହାଁନ୍ତି। ଏମିତି ସ୍ଥଳେ ଗୋବିନ୍ଦ ବଲ୍ଲଭଙ୍କୁ ନେଇ ପହଞ୍ଚିଲେ ତାଙ୍କ ଝିଅ ଦୁର୍ଗା।

ମେଡିକାଲ୍ କଲେଜ୍‌ର ମେଡିସିନ୍ ବିଭାଗରେ ପହଞ୍ଚିବା କ୍ଷଣି ବର୍ହିଃବିଭାଗରେ ଥିବା ଦୁଇଜଣ ଡାକ୍ତର ଚିକିତ୍ସା କରିବା ପୂର୍ବରୁ ପ୍ରଥମ ଆସି ଦୁର୍ଗାଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲେ। ତା ପରେ ଦୁର୍ଗା ନିଜ ବାପାଙ୍କୁ ନେଇ ଆସିଥିବା ଖବର ଶୁଣିବା ପରେ ଗୋବିନ୍ଦ ବଲ୍ଲଭଙ୍କୁ ବି ଜୁହାର ହେଲେ ଉଭୟ ଯୁବକ ଡାକ୍ତର। ତା’ ପରେ ଦୁର୍ଗାଙ୍କୁ ଆଉ କିଛି କହିବାକୁ ପଡିନାହିଁ। ତାଙ୍କର ଦୁଇ ଜୁନିୟର ସେହି ଯୁବ ଡାକ୍ତର ଦୁଇଜଣ ଗୋବିନ୍ଦ ବଲ୍ଲଭଙ୍କ ସମସ୍ତ ଯତ୍ନ ଅତ୍ୟନ୍ତ ନିଷ୍ଠାର ସହ ନେଲେ।

ଏସବୁ ଦୃଶ୍ୟ ଦେଖିଲା ପରେ ନିଜକୁ ନିଜେ ବିଶ୍ୱାସ କରିପାରୁନାହାଁନ୍ତି ଗୋବିନ୍ଦ ବଲ୍ଲଭ। ଉତ୍କଣ୍ଠାର ସହିତ ସେ ଉଭୟଙ୍କୁ ପଚାରିଦେଲେ, ବାବୁ... ଆପଣମାନେ ମୋ ଦୁର୍ଗାକୁ କେମିତି ଜାଣିଲେ ? ଉଭୟ ଡାକ୍ତର ହସି ହସି ଉତ୍ତର ଦେଲେ, ସେ ଆମର ଅପା, ଆମ ସ୍କୁଲ୍ ସିନିୟର୍, ଆମ ଠୁଁ ୧୦ ବର୍ଷ ସିନିୟର୍, ଆମ ସ୍କୁଲ୍‌ର ପୁରାତନ ଛାତ୍ର ସଂସଦର ସେ ଜଣେ ସକ୍ରୀୟ ସଦସ୍ୟ। ଖାଲି ସେତିକି ନୁହେଁ, ଆମ ସ୍କୁଲ୍‌ରୁ ପାସ୍ ହେଉଥିବା ଅତ୍ୟନ୍ତ ଗରିବ ପିଲାମାନଙ୍କ ଉଚ୍ଚତର ଶିକ୍ଷାରେ ଅପାଙ୍କ ଭଳି ଅନ୍ୟ ସିନିୟରମାନେ ଢେର୍ ସହଯୋଗ କରୁଛନ୍ତି। ଗୋବିନ୍ଦ ବଲ୍ଲଭ ବାବୁ ଖୁସି ହୋଇଗଲେ କହିଲେ ହଉ ହେଉ ବାବା.... ବହୁତ ଖୁସି ଲାଗିଲା। ଈଶ୍ୱର ଆପଣଙ୍କ ମଙ୍ଗଳ କରନ୍ତୁ। ପରାମର୍ଶ ଅନୁସାରେ ଗୋବିନ୍ଦ ବଲ୍ଲଭଙ୍କୁ ମଝିରେ ମଝିରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲ୍ ଯିବାକୁ ପଡିବ। ଠିକ୍ ଅଛି ଏଥିରେ ଅସୁବିଧା କ’ଣ ? ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେଲେ ଭଲ। ଝିଅ ସହିତ ପୁଣି ଘରକୁ ଫେରିଥାଆନ୍ତି ଗୋବିନ୍ଦ ବଲ୍ଲଭ। ବାଟରେ ଝିଅ ଯାହା କହିଲେ ବି ସେଥି ପ୍ରତି ତାଙ୍କର ନଜର ନାହିଁ। ତାଙ୍କ ମୁଣ୍ଡରେ କେବଳ ଗୋଟିଏ କଥା କାମ କରୁଛି ଡାକ୍ତରଖାନାରେ ତାଙ୍କୁ ଆଜି ମିଳିଥିବା ସ୍ୱତନ୍ତ୍ର ସୁବିଧା ତାଙ୍କ ଭଳି ଜଣେ ଗାଁ ଲୋକ ପାଇଁ କ’ଣ ପ୍ରକୃତରେ ସମ୍ଭବ ? ନା କଦାପି ନୁହେଁ। ବରଂ ଏହା ସମ୍ଭବ ହୋଇପାରିଛି ତାଙ୍କ ଝିଅ ଦୁର୍ଗା ପାଇଁ। ଦୁର୍ଗା ହେଉଛି ଗୋବିନ୍ଦ ବଲ୍ଲଭଙ୍କ ଗାଁର ପ୍ରଥମ ସ୍ନାତ୍ତୋକ, ସ୍ନାତ୍ତୋକତର ସବୁକିଛି। ପାଖାପାଖି ୨୫ବର୍ଷ ତଳେ ଯେତେବେଳେ ଦୁର୍ଗା ମାଟ୍ରିକ୍ ପାସ୍ କଲା ସେତବେଳେ ଗାଁର ପ୍ରାୟ ଅଧିକାଂଶ ଲୋକ ଖୁସି ହୋଇଥିଲେ। ଗାଁରେ ହାଇସ୍କୁଲ୍ ସୁବିଧା ନଥିବା ସତ୍ତ୍ୱେ ଗୋବିନ୍ଦ ବଲ୍ଲଭ ନିଜ ଝିଅକୁ ବାହାରେ ରଖି ପାଠ ପଢାଇଥିବାରୁ ସମସ୍ତେ ଆନନ୍ଦିତ ହେଲେ।

ଏତିକି ବେଳେ ଗାଁର ଦୁଇଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ଗୋବିନ୍ଦ ବଲ୍ଲଭକୁ ଗୋଟିଏ କୋଣକୁ ଡାକି କହିଲେ ଝିଅ ତ ପର ଘରକୁ ଯିବ, ମାଟ୍ରିକ୍ ତ ପାସ୍ କରିଗଲା, ତାକୁ ଆଉ ଆଗକୁ ପଠାଇବା କ’ଣ ଦରକାର ? ଦେଖନ୍ତୁ... ଝିଅ ଅଧିକରୁ ଅଧିକ ପାଠ ପଢି ବାପାର ଅର୍ଥଶ୍ରାଦ୍ଧ କରିବା ବ୍ୟତିତ ଆଉ କିଛି କରିପାରିବ ? ଶେଷରେ ପାଠ ସବୁ ସାରି ହାଣ୍ଡି ଚୂଲି ଧରିବା ବ୍ୟତିତ ଆଉ କିଛି ନାହିଁ।

ଏଭଳି କଥା ଶୁଣିବା ପରେ ଗୋବିନ୍ଦ ବଲ୍ଲଭ ରୋକ୍‌ଠୋକ୍ ଜବାବ ଦେଲେ ଯେ, ମୋ ଦୁର୍ଗା ପଢିବ, ଅଲବତ୍ ପଢିବ। ତେଣିକି ଏଥିପାଇଁ ମୋତେ ମୋ ମୋ ପାରିବାରକୁ ଯାହା ବି ମୂଲ୍ୟ ଦେବାକୁ ପଡେ ସେଥିପାଇଁ ମୁଁ ପ୍ରସ୍ତୁତ ଅଛି। ଗୋବିନ୍ଦ ବଲ୍ଲଭ ଗାଁ ଲୋକଙ୍କ ଏହି କଥାକୁ ନିଜ ସ୍ତ୍ରୀ ଓ ବୁଢୀ ମା’କୁ ଶୁଣାଇଦେଲେ। ତେବେ ତାଙ୍କ ସ୍ତ୍ରୀ କିଛି କହିବା ପୂର୍ବରୁ ବୁଢୀ ମା’ କହିଲେ ମୁଁ ବଞ୍ଚିଥିବା ଯାଏ ଦୁର୍ଗାର ପାଠ ପଢା କେହି ବନ୍ଦ କରିପାରିବେ ନାହିଁ। ସତକୁ ସତ ବିଶ୍ୱ ବିଦ୍ୟାଳୟରେ ସ୍ନାତ୍ତୋକତର ଡିଗ୍ରୀରେ ଦୁର୍ଗା ସ୍ୱର୍ଣ୍ଣପଦକ ହାସଲ କଲାବେଳେ ସେହିଦିନ ସବୁଠୁ ଅଧିକ ଖୁସି ହୋଇଥିଲେ ତା’ର ଜେଜେମା’। ପ୍ରଗତୀଶୀଳ ଚିନ୍ତାଧାରାର ନିରକ୍ଷର ଜେଜେମା’ କେବଳ ଗୋଟିଏ କଥା କହୁଥିଲେ, ମୋ ପାଇଁ ପାଠ ପଢାର ସୁବିଧା ନଥିଲା। ସେଥି ପାଇଁ ମୁଁ ପାଠ ପଢି ପାରିନଥିଲି। କିନ୍ତୁ ମୁଁ ମୂର୍ଖ ନୁହେଁ, ହୁଏତ ନିରକ୍ଷର ହୋଇପାରେ, ତେଣୁ ମୁଁ ଚାହିଁବି ଯେ ଜନ୍ମ ନେଉଥିବା ସବୁ ଝିଅ ନିଶ୍ଚୟ ପାଠ ପଢନ୍ତୁ। ସେମାନେ ପଢିଲେ ହିଁ ଦୁନିଆକୁ ସାମ୍ନା କରିପାରିବେ।

ଦୁର୍ଗା ସ୍ନାତ୍ତୋକତର ଡିଗ୍ରୀ ହାସଲ କରିବା ପରେ ଏବେ ଜଣେ ସରକାରୀ ଅଧିକାରୀ। ଅନେକ ଘାତ ପ୍ରତିଘାତ ସାଙ୍ଗକୁ ବିଭିନ୍ନ କ୍ଷେତେରେ ଅସହଯୋଗ ଓ ପ୍ରତିକୂଳ ପରିସ୍ଥିତିରେ ଦୁର୍ଗ ଭଳି ସୁଦୃଢ ହୋଇଛି ଦୁର୍ଗାର ମାନସୀକ ବଳ। ସତକୁ ସତ ଏବଂ ମିଛକୁ ମିଛ ବୋଲି କହିବା କେବେ କୁଣ୍ଠାବୋଧ କରେନି ସେ। ସେଥିପାଇଁ ଅଧିକାଂଶ ସମୟ ତାକୁ ଗାତ୍ରଦାହର ଶିକାର ହେବାକୁ ପଡିଛି। ତଥାପି ନିଜ କାମଠୁଁ କେବେ ଦୂରେଇ ଯାଇନି ସେ। ଦୁର୍ଗାକୁ ଦେଖି ଏବେ ଗାଁର ଅନ୍ୟ ଝିଅମାନେ ବି ପାଠ ପଢିଲେଣି। ଏବଂ କଲେଜ ତଥା ୟୁନିଭରସିଟି ଯାଏଁ ଗଲେଣି। ଖାଲି ସେତିକି ନୁହେଁ ପାଠ ପଢା ସରିବା ପରେ ନିଜେ ନିଜର କର୍ମସଂସ୍ଥାନ ପାଇଁ ବି ପ୍ରୟାସ ଜାରି ରଖିଛନ୍ତି। ଏକଦା ଦୁର୍ଗାର ପାଠ ପଢା ବନ୍ଦ କରିବା ପାଇଁ ପରାମର୍ଶ ଦେଉଥିବା ଗାଁ ଭଦ୍ରଲୋକ ଏବେ ନିଜ ଝିଅକୁ ପାଠ ପଢାଇବା ପାଇଁ ପ୍ରୋତ୍ସାହିତ କରୁଛନ୍ତି।

ଏସବୁ କଥା କୌଣସି ଏକ ପୁରୁଣା ଚଳଚ୍ଚିତ୍ର ଦୃଶ୍ୟ ଭଳି ନାଚିଯାଉଥିଲା ଗୋବିନ୍ଦ ବଲ୍ଲଭଙ୍କ ଆଖି ସାମ୍ନାରେ। ଏତେ କଥା ଭାବୁ ଭାବୁ କେତେବେଳେ ସେ ଘରେ ପହଞ୍ଚି ଯାଇଥିଲେ। ସେ କଥା ଜଣାପଡିଲା ନାହିଁ। ଘରେ ବାପାଙ୍କୁ ଛାଡି ଦେଇ ପୁଣି ଥରେ ଅଫିସ୍ କାମରେ ଫେରିଯାଇଥିଲା ଦୁର୍ଗା। ଏତିକି ବେଳେ ଏହି କିଛି ବର୍ଷ ହେଲା ଦେବୀଙ୍କ ମୃଣ୍ମୟୀ ପ୍ରତିମା ପ୍ରତିଷ୍ଠା କରି ପୂଜା ଆୟୋଜନ କରୁଥିବା ଗାଁର ପିଲାମାନେ ଆସିଥିଲେ ଗୋବିନ୍ଦ ବଲ୍ଲଭଙ୍କୁ ଡାକିନେବା ପାଇଁ। ପୂଜା ମଣ୍ଡପ ପାଖରେ ସବୁଦିନ ସନ୍ଧ୍ୟାରେ ଚାଲିଛି ଶାସ୍ତ୍ର ଚର୍ଚ୍ଚା। ଆଜି ଗୋବିନ୍ଦ ବଲ୍ଲଭ କିଛି କହିବେ। ଦେବୀ ଓ ମାତୃଶକ୍ତି ଉପରେ ଅନେକ ସମୟ କହିବା ପରେ ଶେଷରେ ଗୋବିନ୍ଦ ବଲ୍ଲଭ କହିଲେ ଆମର ସବୁ ପୂଜା ଆରାଧନା, ହୁମ, ଯଜ୍ଞ ସବୁକିଛି ନିଷ୍ଫଳ ହୋଇଯିବ, ଯଦି ଆମେ ଆମ ଝିଅମାନଙ୍କୁ ଦେବୀ ଦୁର୍ଗାଙ୍କ ଭଳି ସଶକ୍ତ କରି ପାରିବା ନାହିଁ। ଯଦି ସେମାନଙ୍କ ସ୍ୱପ୍ନରେ ପର ଲଗାଇ ସେମାନଙ୍କୁ ଉଡିବାର ସହାୟକ ହୋଇପାରିବା ନାହିଁ ତାହାହେଲେ ଆମର ଏସବୁ ଆୟୋଜନ ନିଷ୍ଫଳ ହୋଇଯିବ।

**ଏବେ “ସଂପର୍କବାର୍ତ୍ତା” ଆପଣଙ୍କ ହାତପାହାନ୍ତାରେ ପଢିବା ପାଇଁ ଭିଜିଟ୍ କରନ୍ତୁ www. samparkabarta.in**

# ଗାନ୍ଧିଙ୍କ ରାମରାଜ୍ୟ ସ୍ୱପ୍ନ ଏବେବି ଅଧୁରା !



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨


ଗତ ଅକ୍ଟୋବର ଦୁଇ ତାରିଖ ଦିନ ଗାନ୍ଧି ଜୟନ୍ତୀ ପାଳିତ ହୋଇଯାଇଛି । ଜାତିର ପିତାଙ୍କ ବିଷୟରେ ଅନେକ ଆଲୋଚନା କରାଯାଇଛି। ଜୟଗାନ ମଧ୍ୟ କରାଯାଇଛି। ସତେ ଯେମିତି ଆମ ଭିତରେ ଦିନକ ପାଇଁ ଗାନ୍ଧିବାଦ ଜୀବନ୍ୟାସ ପାଇଛି। ପୁଣି ଆରବର୍ଷକୁ ଅପେକ୍ଷା । ବର୍ଷକରେ ଥରେ ଆମେ ଜାତିର ପିତାଙ୍କ ଗୁଣ ଗାନକରି ଆମେ ଆତ୍ମହରା ହୋଇଯାଉ। ଗାନ୍ଧିଙ୍କ ଉପରେ ଅନର୍ଗଳ ଭାଷଣ ଦେଉ। ବାହାବା ବି ସାଉଁଟୁ। କିନ୍ତୁ କେହି ଜଣେ କୁହନ୍ତିନି ମୁଁ ଗାନ୍ଧିଙ୍କ ପରି ହେବି। ତାଙ୍କ ଆଦର୍ଶରେ ବାଟ ଚାଲିବି। ତାଙ୍କ ସତ୍ୟ ଓ ଅହିଂସାକୁ ଜୀବନର ବ୍ରତ କରିବି। ଗାନ୍ଧି ଆଚରଣ ଓ ଉଚ୍ଚାରଣରେ ସାମଞ୍ଜସ୍ୟଥିବା ଜଣେ ବିରଳ ମଣିଷ । କିନ୍ତୁ ଆମର ଆଚରଣ ଓ ଉଚ୍ଚାରଣରେ ଅନେକ ତଫାତ। ଏମିତି ଅନେକ ବରପୁତ୍ରଙ୍କର ଆମେ ଗୁଣ ଗାନକରୁ ଦିନଟିଏ ପାଇଁ ତାପରେ ସବୁ ଭୁଲିଯାଉ। ଏହାହିଁ ନିରାଟ ସତକଥା । ସେ ଦୃଷ୍ଟିରୁ ବିଚାର କଲେ ଗାନ୍ଧି ଥିଲେ ଶ୍ରେଷ୍ଠମାନଙ୍କ ମଧ୍ୟରେ ଶ୍ରେଷ୍ଠତ୍ତମ। ସେଥିପାଇଁ ବିଶିଷ୍ଟ ବୈଜ୍ଞାନିକ ଆଇନଷ୍ଟାଇନ୍ କହିଥିଲେ “ଆଗାମୀ ବଂଶଧର କ୍ୱଚିତ୍ ବିଶ୍ୱାସ କରପାରନ୍ତି ଯେ ଏମିତି ଜଣେ ରକ୍ତ-ମାଂସ ଧାରି ବ୍ୟକ୍ତି ଏ ପୃଥିବୀପୃଷ୍ଠରେ ପଦାର୍ପଣ କରିଥିଲେ ।”

ଗାନ୍ଧିଜୀଙ୍କ ଆଦର୍ଶ ଥିଲା ସମକାଳୀନ ବିଶ୍ୱରେ ବିରଳ। ସତ୍ୟ ଓ ଅହିଂସା ଥିଲା ତାଙ୍କର ଅମୋଘ ଅସ୍ତ୍ର । ୧୮୯୩ ମସିହାରୁ ୧୯୧୪ ମସିହା ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ରହଣି ମଧ୍ୟରେ ଗାନ୍ଧି ସେଠାକାର ଗୋରା ସରକାରଙ୍କ ବିରୋଧରେ ଯେଉଁ ଅମୋଘ ଅସ୍ତ୍ର ପ୍ରୟୋଗ କରିଥିଲେ ତାହା ସତ୍ୟାଗ୍ରହ ନାମରେ ପରିଚିତ । ଅହିଂସା ଆନ୍ଦୋଳନକୁ ଜାରି ରଖି ଦକ୍ଷିଣ ଆଫ୍ରିକାର ଜନସାଧାରଣମାନଙ୍କ ଅଧିକାର, ସମାନତା ଓ କଳାଗୋରା ଭେଦଭାବର ପରିସମାପ୍ତି ଘଟାଇଥିଲେ । ୧୯୧୫ ମସିହାରେ ସେ ଭାରତକୁ ଫେରିଆସିଲେ । ଭାରତୀୟ ମୁକ୍ତି ସଂଗ୍ରାମକୁ ଏକ ନୂଆ ମୋଡ ଦେଇ ତାର ମଙ୍ଗୁଆଳ ସାଜିଥିଲେ । ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନ, ୧୯୩୦ରେ ଲବଣ ସତ୍ୟାଗ୍ରହ ଓ ଶେଷରେ ୧୯୪୨ରେ ଭାରତଛାଡ ଆନ୍ଦୋଳନର ଫଳସ୍ୱରୂପ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତବର୍ଷ ପରାଧୀନତାର ଶୃଙ୍ଖଳରୁ ମୁକ୍ତହେଲା । ପରାକ୍ରମୀ ଇଂରେଜ ସରକାର ତାଙ୍କ ପାଖରେ ପରାଜୟ ସ୍ୱୀକାର କଲେ । ଏହାଥିଲା ତାଙ୍କ ଐକାନ୍ତିକ ନିଷ୍ଠା ଓ ନିରବଛିନ୍ନ ସାଧନାର ଫଳ । ସେଥିପାଇଁ ସେ ମାହାମାନବର ଆସନରେ ଆସୀନ। ତାଙ୍କ ମତରେ ସବୁ ସମସ୍ୟା ସମାଧାନର ଚାବିକାଠି ସତ୍ୟ ଓ ଅହିଂସା । ତାଙ୍କ ଆଦର୍ଶ ଓ ଦୃଷ୍ଟିକୋଣକୁ ନେଇ ଆମ ଦେଶ ସ୍ୱାଧୀନ ହେବାର ୨୦ ବର୍ଷ ପରେ ଏସିଆ ଓ ଆଫ୍ରିକାର ବହୁ ପରାଧୀନ ଦେଶ ଶାନ୍ତିପୂର୍ଣ୍ଣ ଉପାୟରେ ସ୍ୱାଧୀନତା ଲାଭ କରିବାରେ ସଫଳ ହେଲେ । ଅନ୍ୟ ଏକ ଦିଗରୁ ବିଚାରକଲେ ଆନ୍ନା ଅନଶନ ବେଶ୍ କିଛିଦିନ ପରେ ପ୍ରମାଣ କରିଛି ଯେ ‘ଗାନ୍ଧିବାଦ’ର ପ୍ରୟୋଗ ଯେକୌଣସି ସ୍ଥିତିରେ କରାଯାଇ ଆଖିଦୃଶିଆ ସଫଳତା ଆଶା କରାଯାଇପାରେ। ସେ ଥିଲେ ଦରିଦ୍ର, ନିଷ୍ପେଷିତ, ଅବହେଳିତ ଜନତାର ଆଶା ଓ ଆକାଂକ୍ଷାର ପ୍ରତୀକ । ତେଣୁ ଆଧୁନିକ ମଣିଷର ଉପଭୋଗ ପାଗଳାମୀରେ ବିବ୍ରତ ହୋଇପଡିଥିଲେ । ସେଥିପାଇଁ ସେ ମୌଳିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଚାଲିଥିଲେ - ଏଥିରେ ସବୁ ରଚନାତ୍ମକ କାର୍ଯ୍ୟକ୍ରମକୁ ବ୍ୟବହାରିକ ରୂପ ଦେବାର ଚାବିକାଠି ରହିଛି । ନିଶା ନିବାରଣ ଉପରେ ମଧ୍ୟ ଆପଣ ସର୍ବଦା ଗୁରୁତ୍ୱ ଦେଉଥିଲେ । ତାଙ୍କମତରେ ନିଶା ସେବନ ମଣିଷକୁ ବିପଥଗାମୀ କରିବା ସଙ୍ଗେ ସଙ୍ଗେ ତାର ଆର୍ଥିକ ଉନ୍ନତିରେ ଅନ୍ତରାୟ ହୋଇଥାଏ । ସ୍ୱାଧୀନତାର ୭୫ ବର୍ଷପରେ ବି କୌଣସି ରାଜ୍ୟ ସମ୍ପୂର୍ଣ୍ଣ ନିଶାମୁକ୍ତ ହୋଇପାରିଲା ନାହିଁ। ନାରୀଶିକ୍ଷା ଓ ନାରୀ ଜାଗରଣ ଉପରେ ସେ ସର୍ବଦା ଗୁରୁତ୍ ଦେଉଥିଲେ । ତାଙ୍କ ସ୍ୱପ୍ନର ଭାରତରେ ମହିଳାମାନଙ୍କୁ ପୁରୁଷମାନଙ୍କ ସହିତ ସମାନ ମର୍ଯ୍ୟାଦା ଦେବାପାଇଁ ସେ ମଧ୍ୟ କହିଥିଲେ । ଆଜି ଭାରତରେ ନାରୀମାନେ ସବୁଠାରୁ ଅସୁରକ୍ଷିତ ବୋଲି କୁହାଯାଉଛି। ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଏକ କଥା - ସବୁଠି ନାରୀ ନିର୍ଯ୍ୟାତନା, ଅତ୍ୟାଚାର ଓ ଗଣଦୁଷ୍କର୍ମର କରୁଣସ୍ୱର । ଦିଲ୍ଲୀର ନିର୍ଭୟା ଘଟଣା ପରଠାରୁ ଆନେକ ନିର୍ଭୟା ଘଟଣା ଇତି ମଧ୍ୟରେ ଘଟିସାରିଲାଣି । ନିକଟରେ ଘଟିଯାଇଛି ଉତ୍ତରପ୍ରଦେଶର ହାଥରସ୍‌ରେ ବହୁ ଚର୍ଚ୍ଚିତ ଗଣଦୁଷ୍କର୍ମ ମାମଲା। ଏକ ରିପୋର୍ଟ ଜଣାଯାଇଛି ଦେଶରେ ଦୈନିକ ୮୭ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି।

ସେ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁକ୍ତ ଭାରତ ବର୍ଷ କଥା ଚିନ୍ତା କରୁଥିଲେ । ଖାଲି ସେତିକି ନୁହେଁ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା। ସେ ସ୍ୱପ୍ନ ଆଜି ସୁଦୂର ପରାହତ। ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୂଳ କାରଣ ହେଉଛି ଦୁର୍ନୀତି ଓ ଭ୍ରଷ୍ଟାଚାର । ବିଡମ୍ବନା ହେଲାଯେ ଏହାର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ ରେ ହ୍ୱାଓଲା ଓ ଗୋଖାଦ୍ୟ ,୨୦୦୮ରେ ସେୟାର ବଜାର ,୨୦୧୦ରେ କମନଓ୍ୱେଲ୍‌ଥ ଗେମ୍,୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ। ଏବେ ପୁଣି ମହାମାରୀ କରୋନା ଆମ ଅର୍ଥନୀତି ଉପରେ ଶକ୍ତ ପ୍ରହାର କରିଛି। ଲକ୍‌ଡାଉନ ଓ ସଟ୍‌ଡାଉନ ଯୋଗୁଁ ଅର୍ଥବ୍ୟବସ୍ଥା ପ୍ରାୟ ଠପ୍ ହୋଇଯାଇଥିଲା। ଟିକାକରଣ ପରେ ଓ ଲକ୍‌ଡାଉନ କୋହଳ ହେବା ପରେ ଧୀରେ ଧୀରେ ଉଜୁଡା ଅର୍ଥବ୍ୟବସ୍ଥା ଅଣ୍ଟା ସଳଖି ଠିଆ ହେଉଛି। କରୋନାକୁ ପ୍ରତିହତ କରିବାରେ ଆମ ଦେଶର ବିଶେଷଜ୍ଞ, ଡାକ୍ତର ଓ ଆଗଧାଡିର କରୋନା ଯୋଦ୍ଧାମାନଙ୍କର ପ୍ରୟାସ ବେଶ୍ ପ୍ରଶଂସନୀୟ । ସେମାନଙ୍କୁ ଯେତେ ପ୍ରଶଂସା କଲେବି କମ୍ ହେବ। ଟିକାକରଣ କ୍ଷେତ୍ରରେ ଓ କରୋନା ନିୟନ୍ତ୍ରଣରେ ଭାରତର ଭୂମିକାକୁ ‘ହୁ’ ପ୍ରଶଂସା କରିଛି। ଏହା ଆମ ପାଇଁ ଆଶ୍ୱାସନାର ବିଷୟ। ତଥାପି ପ୍ରଗତିର ଧାରାରେ ଚାଲିବା ପାଇଁ ଆହୁରି ଅନେକ ବାଟ ବାକି ଅଛି। ଏଥିପାଇଁ ନିଷ୍ଠାପର ଉଦ୍ୟମର ଆବଶ୍ୟକତା ରହିଛି।

ଏଇଠି ମନେପଡେ ବାପୁଜୀଙ୍କ କଥା। ଭାରତରେ ରାମରାଜ୍ୟ ଗଢିବାର ଯେଉଁ ସ୍ୱପ୍ନ ସେ ଦେଖିଥିଲେ ତାହା ଅଧୁରା। ନିରକ୍ଷରତା , ଦାରିଦ୍ର୍ୟ, ବେକାରୀ, ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ରାଜନୀତିରେ ଅପରାଧୀକରଣ, ନିର୍ବାଚନରେ ଅର୍ଥ ଓ ବାହୁ ବଳର ପ୍ରଭାବ କଥା କହିଲେ ନସରେ । ଏସବୁ ଦେଖି ସେ ବହୁତ ବ୍ୟସ୍ତ ହେଉଥିବେ। ତାଙ୍କୁ ଜୟନ୍ତୀରେ ମନେପକାଇବା ତାଙ୍କ ଗୁଣ ଗାନ କରିବା ବଡକଥା ନୁହେଁ। ବଡକଥା ହେଉଛି ତାଙ୍କ ତ୍ୟାଗ, ବଳିଦାନ ଓ ଜୀବନାଦର୍ଶରୁ ପ୍ରେରଣା ନେବା। ସେଥିପାଇଁ କୁହାଯାଏ- ‘ତୁମେ ତ ଜାଣିଲ ନାହିଁ ଚରଣ ପରଶି କିଏ, ମଥାନୋଇଁ ଦେଲା ଅଶ୍ରୁ ଢାଳି / କେ କରିଲା ସଂକୀର୍ତ୍ତନ ତୁମ ନାମେ ଦେଇ କରତାଳି’। ଏଥିରୁ ଆମକୁ ସବୁ କଥା ବୁଝିବାକୁ ହେବ।

# ମଣିଷର୍ ଚକ୍ରବ୍ୟୂହରେ୍ ପ୍ରକୃତି



ହଳଧର ଧୀର
ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର
mail- haladhar.dhir@gmail.com

ଜଙ୍ଗଲ ହିଁ ସମ୍ପଦ, ଜୀବଜଗତର କଲ୍ୟାଣ ପାଇଁ ଜଙ୍ଗଲ ହିଁ ଏକମାତ୍ର ଭରଷା । ପ୍ରକୃତିର ସବୁଜିମାରେ ହସି ଉଠୁଥିଲା ଜଗତ । ବଣ ପାହାଡର ବୃକ୍ଷଲତାର ଗହଳରେ ଖେଳୁଥିଲେ ସିଂହ ଆଉ ଠେକୁଆର ସାବକମାନେ । ପକ୍ଷୀର ଗୁଞ୍ଜନ ମୁଖରୀତ କରୁଥିଲା ଘଞ୍ଚ ବନାନୀ । ମନରେ ସେମାନଙ୍କର ଦ୍ୱନ୍ଦ୍ୱ ନଥିଲା କି ଭୟ ବି ନଥିଲା । ନିର୍ଭୟରେ ସ୍ୱାଧୀନ ଭାବେ ବିଚରଣ କରୁଥିଲେ ଜଙ୍ଗଲ ଅଞ୍ଚଳରେ ନାନା ଜାତି ଫୁଲର ମହକରେ ହସି ଉଠୁଥିଲା ବନଭୂମି । ତାର ମହକରେ ମହକି ଉଠୁଥିଲେ ବନବାସୀ ଓ ଆଖପାଖର ବନ ବନ୍ଧୁମାନେ । ଆଦିବାସୀ ରମଣୀର ଜୁଡାରେ କୋରେଇ ଫୁଲର ଶୋଭା ଅବର୍ଣ୍ଣନୀୟ । ରାତି ବଢିଲେ କୋରେଇ ଫୁଲ ଓ ମହୁଲର ବାସ୍ନା ଆଉ ମାଦଳର ତାଳେ ନୃତ୍ୟରତା ଆଦିବାସୀ ରମଣୀମାନଙ୍କୁ ଦେଖିଲେ ଯେପରି ମନେ ହୁଏ ସତେ ଇନ୍ଦ୍ରସଭାର ଉର୍ବଶୀମାନେ ପୃଥୀବୀକୁ ଆସି ନୃତ୍ୟ ପରିବେଷଣ କରୁଛନ୍ତି । ସକାଳ ସୂର୍ଯ୍ୟର ଶୀତଳ କିରଣ ଓ ଦଲକାଏ ପବନରେ ଆଖିପତା ମୁଦି ହୋଇଯାଏ କ୍ଲାନ୍ତ ବନବାଳାମାନଙ୍କର । କୁଳୁକୁଳୁ ଝରଣାର ଜଳ ସତେ କେତେ ସ୍ୱଚ୍ଛ ଆଉ ଜମିକୁ ଯୋଗାଉଥିଲା ପଟୁମାଟି । ଘଞ୍ଚ ଜଙ୍ଗଲର ଶୀତଳ ପବନରେ ନିର୍ଦ୍ଦିଷ୍ଟ ରୀତି ଓ ଋତୁର ନିୟମରେ ମୌସୁମୀ ପ୍ରବାହର ନିୟମିତ ଧାରା ଯୋଗୁଁ ପ୍ରତିଟି ଋତୁ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ। ଆଉ ମଣିଷ ଆନନ୍ଦରେ ନିଜର ସୁଖ ସ୍ୱପ୍ନକୁ ସାକାର କରୁଥିଲା ନିଜ ସୁନାର ଫସଲରେ ।

ଆଧୁନିକ ମଣିଷ କାଳକ୍ରମେ ଶିଳ୍ପବିପ୍ଳବର ସ୍ୱପ୍ନ ଦେଖିଲା । ସବୁଜିମା ଭରା ବଣ ପାହାଡ ପର୍ବତର ଛାତି ଚିରି ତାକୁ କ୍ଷତାକ୍ତ କରି ପ୍ରାକୃତିକ ସବୁଜିମାକୁ ଛାରଖାର, ନାରଖାର କରିବାକୁ କୁଣ୍ଠାବୋଧ କଲାନାହିଁ ଏ ଅତ୍ୟାଧୁନିକ ମଣିଷ । ଚାହୁଁ ଚାହୁଁ ଏ ମଣିଷ ଏତେ ଉଗ୍ର ଆଉ ସ୍ୱାର୍ଥନ୍ଧ ହୋଇ ଉଠିଲା ଯେ ସେ ଭୁଲିଗଲା ତା ଅତୀତର ସେହି ସ୍ମୃତିକୁ । ପିଲାବେଳର ସେହି ନୈସର୍ଗୀକ ପ୍ରକୃତିର ହସକୁ, ତାର ସବୁଜିମାକୁ ତା ଫୁଲର ମହକକୁ, ଫଳର ସ୍ୱାଦକୁ, ଝରଣାର ସ୍ୱଚ୍ଛ କାଚକେନ୍ଦୁ ପରି ଜଳକୁ । ଆଉ ଭୁଲିଗଲେ ପିଲାଦିନେ ଠେକୁଆ ଓ କଉଡିକିଆ ବନଜନ୍ତୁଙ୍କ ସହ ଖେଳୁଥିବାର ଦୃଶ୍ୟପଟ୍ଟକୁ ।

ସତରେ କି ବିଚିତ୍ର ଏ ଆଧୁନିକ ମଣିଷ । ନିଜ ଗାଁ, ମା ମାଟି, ପ୍ରକୃତିଦତ୍ତ ସବୁଜିମାଠାରୁ ନିଜକୁ ଦୂରେଇ ନେଇ କଂକ୍ରିଟ ଜଙ୍ଗଲରେ ବିଚରଣ କରିବା ପରେ ସେବା କିପରି ଅନୁଭବ କରିବ ପ୍ରକୃତିର ଅବଦାନକୁ । ସମୟ ବଦଳିଯାଇଛି । ମଣିଷ ପ୍ରକୃତିର ନିୟମକୁ ଉଲଙ୍ଘନ କରିବାକୁ ଟିକେ ହେଲେ କୁଣ୍ଠାବୋଧ କରିନାହିଁ । ଏହି ସ୍ୱାର୍ଥନ୍ୱେସୀ ମଣିଷ ଅହଂ ଓ ଗର୍ବକୁ ଖର୍ବ କରିବା ପାଇଁ ପ୍ରକୃତି ବି ଆଜି କଠୋର ଭାବ ଆଚରଣ କଲାଣି । ପ୍ରକୃତି ବି ନୂଆ ନୂଆ କରାଳ ଉଗ୍ର ରୂପରେ ଆକସ୍ମିକ ଭାବେ କେତେବେଳେ ପ୍ରବଳ ରୌଦ୍ରତାପ-ଗ୍ରୀଷ୍ମ ପ୍ରବାହରେ ତ, ପୁଣି ଅଦିନିଆଁ ଝଡ ବର୍ଷାରେ, ବାତ୍ୟା, ମହାବାତ୍ୟା, ଘୂର୍ଣ୍ଣିବାତ୍ୟାର ଭୟାବହତାରେ ଆଉ କଳ୍ପନାତୀତ ସୁନାମୀର କରାଳ ରୂପରେ । ମଣିଷ ଜାତିକୁ ଯେତେ କଠୋର ଭାବରେ ଉଚିତ୍ ଶିକ୍ଷା ଦେଲେ ମଧ୍ୟ ସେ ପ୍ରକୃତିର ଚେତାବନୀକୁ ତାର ଖିଆଲି ମନରେ କେତୋଟି ମୁହୂର୍ତ୍ତରେ ଭୁଲିଯାଏ । ଆଉ ଯେଉଁ କେତେକ ସ୍ୱଚ୍ଛ ଓ ତ୍ୟାଗୀ ମଣିଷ ପ୍ରକୃତିର ଉପାସକ ରହିଲେ ସେମାନେ ପ୍ରକୃତିର ଚେତାବନୀ ଓ ତା’ର ଭୟାବହତାକୁ ଉପଲବ୍ଧି କରି ମଣିଷ ସମାଜରେ ପ୍ରକୃତିର ନିୟମକୁ ଉଲଙ୍ଘନ ନକରି ଅକ୍ଷରେ ଅକ୍ଷରେ ପାଳନ କରିବାକୁ ସେମାନଙ୍କର ନିଷ୍ଠାପର ଉଦ୍ୟମ ଜାରି ରଖିଛନ୍ତି। କଂକ୍ରିଟ ଜଙ୍ଗଲର ହିଂସ୍ର ଜୀବଜଗତକୁ ବାରବାର ସତର୍କବାଣୀ ଶୁଣାଇ ଆସୁଛନ୍ତି । ଏଥିପାଇଁ ସେମାନଙ୍କୁ ବହୁମୂଲ୍ୟ ମଧ୍ୟ ଦେବାକୁ ପଡୁଛି ।

ସମ୍ପର୍କବାର୍ତ୍ତା
ଅକ୍ଟୋବର ୧୮ ରୁ ୨୪, ୨୦୨୧, ଜଗତସିଂହପୁର
October 18 to 24, 2021, Jagatsinghpur


# ରାଜଧାନୀରେ ଏସ୍‌ଆଇଙ୍କ ଗୁଣ୍ଡାଗିରି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଲକ୍ଷ୍ମୀସାଗର ଏସ୍‌ଆଇ ରାଉତ ବାବୁ ଆତଙ୍କବାଦୀଙ୍କ ପରି ଉଠାଇନେଲେ ଜଣେ ୧୩ ବର୍ଷର

**ଗାଡି ଚଢାଇଦେବାକୁ ଧମକ !**

ନାବାଳକକୁ। ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ବ୍ରାଉନସୁଗାର ଠାରୁ ଆରମ୍ଭ କରି ଅନେକ ଦୁର୍ଦ୍ଦାନ୍ତ ଅପରାଧୀଙ୍କ କବ୍‌ଜାରେ ଥିବାବେଳେ ପୋଲିସ୍ ହାତ ବାନ୍ଧି ବସିଛି। ମାତ୍ର ଗୋଟେ ନାବାଳକକୁ ପୋଲିସ୍ ଷ୍ଟେସନକୁ ଉଠାଇ ନିଜ ଗୁଣ୍ଡାଗିରି ଦେଖାଇଛନ୍ତି ଏସ୍‌ଆଇ। ବାପାଙ୍କ ଶରୀର ଅସୁସ୍ଥ ଥିବାରୁ ନାବାଳକଟି ପୂଜାସାମଗ୍ରୀ ଦୋକାନ ଖୋଲିଥିଲା। ପିଲାଟିର ଭୁଲ ହେଲା ଏତିକି ଯେ ରାତି ୮ଟାରେ ନାଇଟ୍ କର୍ଫ୍ୟୁକୁ ଦୃଷ୍ଟିରେ ରଖି ଦୋକାନ ବନ୍ଦ କରିବା ସମୟରେ କିଛି ମିନିଟ୍ ବିଳମ୍ବ ହୋଇଯାଇଥିଲା। ଏହି ସମୟରେ ଲକ୍ଷ୍ମୀସାଗର ପୋଲିସ୍‌ର ପିସିଆର ଗାଡି ସେଠାରେ ପହଞ୍ଚି ନାବାଳକଟିକୁ ସେଠାରୁ ଉଠାଇ ଥାନାକୁ ନେଇଯାଇଥିଲେ। କାଣି ବିରାଡିର କୁଜି ଅସରପା ଉପରେ ଭାଉ ଦେଖାଇଲା ଭଳି ଘଟଣାକୁ ଦେଖି ଏହାର ପ୍ରତିବାଦ କରି ଷ୍ଟେସନ ବଜାର ବ୍ୟବସାୟୀ ସଂଘର କିଛି ଭଦ୍ର ବ୍ୟକ୍ତି ଥାନାକୁ ଯାଇ ଆଇଆଇସିଙ୍କୁ ଛାଡି ଦେବାକୁ ଅନୁରୋଧ କରିଥିଲେ। ମାତ୍ର ସେଠାରେ ଆଇଆଇସି ବାବୁ ଚୁପ୍ ଥିଲା ବେଳେ ଏସ୍‌ଆଇ ରାଉତ ବାବୁ ସେମାନଙ୍କ କଥା ଶୁଣିବା ବଦଳରେ ତାଙ୍କୁ ଥାନା ଛାଡି ତୁରନ୍ତ ପଳାଇବାକୁ



କହିବା ସହ ତାଙ୍କ ଉପରେ ଗାଡି ଚଢାଇ ଦେବାକୁ ଧମକ ଦେବାକୁ ମଧ୍ୟ ପଛାଇ ନଥିଲେ। ସେ ନିଜକୁ ଲକ୍ଷ୍ମୀସାଗର ଥାନାର ସେ ମୁଖ୍ୟ ଭାବେ ଦର୍ଶାଇଥିଲେ।

ଲକ୍ଷ୍ମୀସାଗର ଏସ୍‌ଆଇ ବାବୁଙ୍କ ଏପରି କାର୍ଯ୍ୟକଳାପକୁ ନେଇ ଷ୍ଟେସନ ବଜାର ସଂଘ ଏବଂ ଷ୍ଟେସନ ବଜାର ପୂଜା କମିଟିର ସଦସ୍ୟମାନେ ଭୁବନେଶ୍ୱର ଡିସିପିଙ୍କୁ ଭେଟି ଘଟଣା ସମ୍ବନ୍ଧରେ ଅବଗତ କରାଇଥିଲେ। ଡିସିପି ସମସ୍ତ ଘଟଣା ଶୁଣିବା ପରେ ଏହାର ତୁରନ୍ତ ସମାଧାନ କରାଯିବ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଘଟଣାର ତୁରନ୍ତ ସମାଧାନ ନ କରାଗଲେ ଏହା ଆନ୍ଦୋଳନର ରୂପ ନେବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

ସେମାନେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଷ୍ଟେସନ ପାକ ଅଞ୍ଚଳରେ ଅଧରାତି ପର୍ଯ୍ୟନ୍ତ ଡାନ୍ସବାର ଖୋଲା ରହୁଥିବା ବେଳେ ରାତି ୩ଟା ପର୍ଯ୍ୟନ୍ତ ଚୋରା ମଦ କାରବାର ହେଉିଚ। ପୋଲିସ୍‌କୁ ଏହା କିପରି ଦେଖାଯାଉନାହିଁ। ସେମାନଙ୍କ ଠାରୁ ମାସିକିଆ ବଟି ନେବା ସହ ଖାଇବା ପିଇବା ଫ୍ରି। ତେଣୁ ସବୁ ଜାଣି ଧୃତରାଷ୍ଟ୍ର ସାଜିଛି ପୋଲିସ୍। ସେହିପରି କିଛିଦିନ ତଳେ ଜଣେ ଯୁବକକୁ ଷ୍ଟେସନ ପାଖ ବସ୍ତିର କିଛି ଅସାମାଜିକ ଯୁବକ ମରଣାତ୍ମକ ଆକ୍ରମଣ କରିଥିଲେ। ଏ ନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା ହେଲେ ପୋଲିସ୍ ସେମାନଙ୍କୁ ଖୋଜିବା ତ ଦୂରର କଥା କିଛି ଘଟଣା ନଘଟିଥିବା ପରି ଚୁପ ବସି ପଡିଲା। ଏତେ ବଡ ବଡ ଘଟଣାରେ ଚୁପ ରହୁଥିବା ପୋଲିସ୍ ଆଜି ଗୋଟେ ନାବାଳକୁ ଥାନାକୁ ଉଠେଇ ନେଇ ନିଜ ଗୁଣ୍ଡାଗିରିର ପରିଚୟ ଦେଇଛି କହି ଅନେକ ଏହାର ନିନ୍ଦା କରୁଛନ୍ତି।

## ପହଙ୍ଗା ରାସ୍ତାକୁ ଦୁଇ ଲେନ୍ କରାଯିବାକୁ ଦାବି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଉପକୂଳ ବିକାଶ ପରିଷଦ ଜଗତସିଂହପୁର-ଗରିଛକ, ଭାୟା ପହଙ୍ଗା ମାଧବ ରାସ୍ତାକୁ ଦୁଇଲେନ୍ କରିବାକୁ ବିଭିନ୍ନ ସ୍ଥାନରେ ପ୍ରତିବାଦ କରିଥିବା ବେଳେ ଆଜି ମାଧବ ଠାରେ ଏକ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମେଲ ଯୋଗେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବଲକ ଚେୟାରମ୍ୟାନ ନ୍ୟାୟବ୍ରତ ରାଉତ, ଯୋଗେନ୍ଦ୍ର ଦାସ, ଟୁଟୁ ଚୌଧୁରୀ, ପୀତାମ୍ବର ରାଉତ, ଶଶୀ ପରିଜା, ଅଶୋକ ପୁଷ୍ପାଳକ କେଦାର ବେହେରା, ପ୍ରଶାନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ କହିଥିଲେ ଜଗତସିଂହପୁର-ଗରିଛକ ରାସ୍ତାଟି ଆଳିପିଙ୍ଗଳ, କାଳଖ, ପହଙ୍ଗା, ତାମ୍ପଡା, ମାଧବ, ଚନ୍ଦ୍ରମଉଳି ଛକଠାରେ ଫୁଲନଖରା-କୋଣାର୍କ ରାଜ୍ୟ ରାଜପଥରେ ସଂଯୋଗ ହୋଇଛି। ଏହାର ଦୂରତା ଚପ୍ରାୟ




୨୫କିଲୋମିଟର ହେବ। ଦେବୀ ନଦୀରେ କାଳଖ-ଏରଡା ଘାଟରେ ପୋଲ ହେବା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କିନ୍ତୁ ରାସ୍ତାଗୁଡିକର ଉନ୍ନତୀ କରଣ ହୋଇନାହିଁ। ସବୁଠି ଖାଲଖମା ରାସ୍ତା ଗୁଡିକ ଅଣଓସାରିଆ,ଦୁଇଟି ଗରିଚକିଆ ଯାନ ପରସ୍ପର ଅତିକ୍ରମ କରିବା ପାଇ ବହୁ ଅସୁବିଧା ହେଉଛି। ତେଣୁ ଜନସାଧାରଣଙ୍କ ହିତଦୃଷ୍ଟିରୁ ଆଳିପିଙ୍ଗଳ ଶାସନପଦା, ଏକବେରୁଆଁ, ନାଟୀ, କାଳଖ, ପହଙ୍ଗା, ତାମ୍ପଡା, ମାଧବ ଦେଇ ଚନ୍ଦ୍ରମଉଳୀ ପର୍ଯ୍ୟନ୍ତ ଲମ୍ବିଥିବା ସଂଯୋଗ ରାସ୍ତାଟିକୁ ରାଜ୍ୟ ରାଜପଥ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଦୁଇଲେନ୍ କରାଯିବାକୁ ଦାବୀ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପକୂଳ ବିକାଶ ପରିଷଦର ଆବାହକ ସରୋଜ ନାଏକ ସଂଯୋଜନା କରିଥିଲେ।

## ପୁରଣ ସ୍କୁଲରେ 'ଆଜାଦିକି ଅମୃତ ମହୋତ୍ସବ'

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରଣ ସରକାରୀ ହାଇସ୍କୁଲରେ କାୟାକଳ୍ପ ପକ୍ଷରୁ ଆଜାଦିକି ଅମୃତ ମହୋତ୍ସବ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀ ରୋଜି ରାୟ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅତିଥିଭାବେ ଆକାଶ ବାଣୀ କଟକ କେନ୍ଦ୍ରର ନିର୍ଦ୍ଦେଶକ ତପନ ଦତ୍ତ, ପୋଲିସ ଡିଏସପି ତଥା କବି ରାଜକିଶୋର ସ୍ୱାଇଁ, ସମାଜସେବୀ ଗୁରୁନାରାୟଣ ମହାନ୍ତି ଯୋଗଦେଇ ଅମୃତ ମହୋତ୍ସବ ସମ୍ପର୍କରେ ଆଲୋଚନା କରଥିଲେ। ଏଥିରେ ସ୍ୱର୍ଗତ ଫକିରଚରଣ ସ୍ୱାଇଁଙ୍କ ସ୍ମୃତିରେ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ମୁଖ୍ୟଅତିଥି ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ତ୍ରିଲୋଚନ ଦାସ କୁଇଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଶ୍ମିତା ଦାଶ, ଶ୍ରଦ୍ଧାସୁମନ ନାୟକ, ସ୍ମୃତିପ୍ରଜ୍ଞା ମହାନ୍ତି ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। ଫଗୁନାଥ ସ୍ୱାଇଁ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ନାୟକ ଧନ୍ୟବାଦ କରିଥିଲେ।



## ବନ୍ୟପ୍ରାଣୀ ମନୁଷ୍ୟ ପରସ୍ପରର ପରିପୂରକ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ବନ୍ୟପ୍ରାଣୀ ଓ ମନୁଷ୍ୟ ପରସ୍ପରର ପରିପୂରକ ବୋଲି ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବନ୍ୟପ୍ରାଣୀ ସପ୍ତାହ ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ



ଅତିରିକ୍ତ କନ୍‌ଜରଭେଟର ଫରେଷ୍ଟ ସୌଭାଗ୍ୟ କୁମାର ସାହୁ ଯୋଗଦେଇ ଏହା କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜଗତସିଂହପୁର ଫରେଷ୍ଟ ରେଂଜର ବଳରାମ ସାହୁ ଯୋଗଦେଇ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ପ୍ରତ୍ୟେକ ନାଗରିକଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି କହିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଜ୍ଞାନରଂଜନ ପଟ୍ଟନାୟକ ,ପରିବେଶବିତ୍ ଉତ୍କଳରଂଜନ ମହାନ୍ତି ଯୋଗଦେଇ ବନ୍ୟଜନ୍ତୁ ମାନଙ୍କର ସୁରକ୍ଷାପାଇଁ ଛାତ୍ରଛାତ୍ରୀ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ସାହୁ ପୌରହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏନସିସି ଅଫିସର ରାଜକିଶୋର ସାହୁ, ଶିକ୍ଷକ ପ୍ରତାପ କୁମାର ଜେନା, ଶିକ୍ଷୟିତ୍ରୀ ଇଲାବନ୍ତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ଡଃ.ଭୋଳାନାଥ ରାଉତଙ୍କ ବିୟୋଗ, ବିଭିନ୍ନ ମହଲରେ ଶୋକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁରଜିଲ୍ଲାର ପ୍ରତିଷ୍ଠିତ ସ୍ୱାମୀବିବେକାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପୂର୍ବତନ ଉପସଭାପତି ତଥା ପ୍ରତିଷ୍ଠାତା ସଭ୍ୟ, ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର ସଭାପତି ମଣ୍ଡଳୀ, ବିଶିଷ୍ଟ ଶିକ୍ଷାବିତ୍, ସାରସ୍ୱତ ସାଧକ ତଥା ଜଗତସିଂହପୁର ଅତୀତ ଓ ବର୍ତ୍ତମା ପୁସ୍ତକର ମୁଖ୍ୟ ସଂପାଦକ ଡଃ.ଭୋଳାନାଥ ରାଉତଙ୍କ ୮୩ବର୍ଷ ବୟସରେ ଜଗତସିଂହପୁର ସହରର ଦୁର୍ଗାବଜାର ଠାରେ ଥିବା ନିଜ ଭାସଭବନରେ ଆଜି ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ବ୍ୟକ୍ତ କରାଯାଇଛି। ସାରସ୍ୱତ ପରିଷଦର ସଭାପତି ଅଧାପକ ହିମାଂଶୁ ଆଚାର୍ଯ୍ୟ,



ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଓଡିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସଭାପତି ନିକୁଞ୍ଜ କିଶୋର ବେହେରା,ଜିଲ୍ଲା ଓଷ୍ଟା ସଂଘର ସଭାପତି ନାରାୟଣଚନ୍ଦ୍ରବାରିକ, ଓଷ୍ଟା ସଂଘର ସଭାପତି ନିରଞ୍ଜନ ମହାନ୍ତି, କାର୍ଯ୍ୟକାରୀ ସଭାପତି ଶରତଚନ୍ଦ୍ର ବାରିକ, ପୂର୍ବତନ ସଭାପତି ନିରଞ୍ଜନ ପଣ୍ଡା, ପ୍ରଧାନଶିକ୍ଷକ ସୁଭାଷଚନ୍ଦ୍ର ରାଉତ, କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଂଜନ ପରିଜା, ପଙ୍କଜିନୀ ନନ୍ଦ, ଓଷ୍ଟା ବଲକ ସଂପାଦକ ତ୍ରିଲୋଚନ ସାହୁ, ରଞ୍ଜନ ମିଶ୍ର, ଅଶୋକ ଦାଶ, ଶାରଦା ଦାସ, ସୁବାଷ ଚନ୍ଦ୍ର ଦାସ, ହିମାଂଶୁ ମହାନ୍ତି, ଶୁଶିଲ କୁଅଁର, ନିହାର ରଂଜନ ନାୟକ ଏବଂ ଜଗତସିଂହପୁର ସାହିତ୍ୟ ପରିଷଦର ସଭାପତି ଅଜୟ କୁମାର ବେହେରା, ସଂପାଦକ ଉମାକାନ୍ତ ନାୟକ, କୋଷାଧ୍ୟକ୍ଷ ପୂର୍ଣ୍ଣ ମିଶ୍ର, ସଂଗଠନ ସଂପାଦକ ରମେଶଚନ୍ଦ୍ର ବହିରା, ଉପଦେଷ୍ଟା ଇଂ.ବିଷ୍ଣୁ ସାହୁ, କାର୍ଯ୍ୟକାରୀ ସଭାପତି ଡ.ଜ୍ୟୋତିର୍ମୟୀ ମହାନ୍ତି ପ୍ରମୁଖ ଶୋକବ୍ୟକ୍ତ କରିବା ସହ କହିଥିଲେ ଡଃ.ଭୋଳାନାଥ ରାଉତ ଜଣେ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ଘଟିଲା ।ତେଣୁ ତାଙ୍କର ଅମର ଆତ୍ମାର ସଦ୍‌ଗତ କାମନା କରିଥିଲେ।

## ଭୁବନେଶ୍ୱରରେ ବାସୀ ଖାଦ୍ୟ


**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ଭଳି ସହର ତଥା ସ୍ମାର୍ଟସିଟିରେ ଭିଆଇପି ରହୁଥିବା ବେଳେ ବହୁ ବଡବଡିଆ ମୁଣ୍ଡି ଅଫିସର ରହିଛନ୍ତି। ସେ ଜାଗାରେ ବାସୀଖାଦ୍ୟ ମିଳିବା ସମଗ୍ର ରାଜରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ନିକଟରେ ନନ୍ଦନକାନନ ବୁଲିବାକୁ ଆସିଥିବା ବାସୀଖାଦ୍ୟ ବିକ୍ରି ଯୋଗୁଁ ତଣ୍ଡ ଗଣିଲେ ରେଷ୍ଟୁରାଣ୍ଟ୍ ମାଲିକ। "ହେର୍‌ମିଟ୍ ଜିଙ୍ଗ" ରେଷ୍ଟୁରାଣ୍ଟକୁ ଚଢାଉ କରିଛି ବିଏମ୍ ଫୁଡ୍ ଇନ୍‌କ୍ୱାରୀ ଡିପାର୍ଟମେଣ୍ଟ। ବାସୀଖାଦ୍ୟ ବିକ୍ରି ନେଇ କିଛି ପର୍ଯ୍ୟଟକଙ୍କ ଅଭିଯୋଗକୁ ଭିତ୍ତିକରି ଚଢାଉ କରିଥିଲା ବିଏମ୍‌ସିର ୪ଜଣିଆ ଟିମ୍। ଚଢାଉବେଳେ ୨୦ରୁ ୩୦ କେଜି ୬ ଦିନର ବାସୀ ଚିକେନ୍ କଷା ଜବତ ହୋଇଛି। ଗରାଖ ଖାଇବାକୁ ଆସିଲେ ବାସୀ ଚିକେନ୍ କଷା ଗରମ କରି ଦେଉଥିଲେ ରେଷ୍ଟୁରାଣ୍ଟ କର୍ମଚାରୀ। ଏହାସହ କିଛି ବାସୀ ବିରିୟାନୀ ମଧ୍ୟ ମିଳିଛି। ଫୁଡ୍ ଡିପାର୍ଟମେଣ୍ଟ ଅଧିକାରୀ ୬-୯



ଧାରାରେ ମୋଟା ଅଙ୍କର ଫାଇନ୍ ଆଦାୟ କରିଛନ୍ତି। କିନ୍ତୁ ଗିରଫ ନ କରି ଛାଡିଦେଇଆସିଛନ୍ତି। ଆଉ ବାସୀ(ଦୂଷିତ)ଖାଦ୍ୟ ବିକ୍ରି କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି ଫୁଡ୍ ଡିପାର୍ଟମେଣ୍ଟ ଅଫିସର ସତ୍ୟଜିତ୍ ପଟେଲ କହିଛନ୍ତି।

## ପୋଲିସ୍ ପ୍ରେମରେ ମହିଳା ସ୍ୱାମୀକୁ ଛାଡି ଛୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଶ୍ଚିମବଙ୍ଗ ପୋଲିସ୍ କର୍ମଚାରୀଙ୍କ ପ୍ରେମର ଫସି ଜଣେ ବିବାହିତା ମହିଳା ଦୁଇ ଦୁଇ ଥର ଘର ଛାଡି ଛୁ ମାରିବା ଘଟଣା ଶ୍ରୀ ଲିଙ୍ଗରାଜ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସ୍ୱାମୀ ଓ ପୁଅକୁ ଛାଡି ମହିଳା ଜଣକ ବାରମ୍ବାର ଉକ୍ତ ପୋଲିସ୍ କନଷ୍ଟେବଲ ପାଖକୁ ଚାଲିଯାଉଥିବାରୁ ସ୍ୱାମୀ ଆଉ ଥାନାକୁ ଯିବାକୁ ମୁହଁ ନାହିଁ ବୋଲି କହିଛନ୍ତି। ନିଆଳି ଅଞ୍ଚଳର ଏହି ଯୁବକ ନିଜ ସ୍ତ୍ରୀ ଟୁନି(ଛଦ୍ମନାମ) ଓ ପୁଅକୁ ଧରି ଏ ଅଞ୍ଚଳରେ ଭଡାରେ ରହୁଥାଏ। ଏକ ଔଷଧ ଦୋକାନରେ କାମ କରୁଥିବା ଯୁବକଜଣକ କୋଲକତା ଯାଇଥିବା ବେଳେ ବେଆଇନ୍ କଫ୍‌ସିରଫ୍ ବିକ୍ରି କରୁଥିବା ଅଭିଯୋଗରେ ସେଠାରେ ଗିରଫ ହୋଇଥିଲେ। ଉକ୍ତ ଥାନାର ଜଣେ କନଷ୍ଟେବଲ ଟୁନିକୁ ଫୋନ୍ କରି ତାଙ୍କ ସ୍ୱାମୀଙ୍କ ଗିରଫଦାରୀ ବିଷୟରେ ଜଣାଇଥିଲେ। ତେଣୁ ସ୍ୱାମୀକୁ ଜାମିନୀରେ ଆଣିବା ପାଇଁ ଟୁନି କୋଲକାତା ଯାଇଥିଲେ ଓ ଉକ୍ତ କନଷ୍ଟେବଲଙ୍କ ସହଯୋଗ ନେଇଥିଲେ। ତେବେ ସ୍ୱାମୀଙ୍କୁ ଜାମିନ୍ କରାଉ କରାଉ ଟୁନି ଓ



କନଷ୍ଟେବଲଙ୍କ ଭିତରେ ପ୍ରେମ ସଂପର୍କ ଗଢି ଉଠିଥିଲା। ଶେଷରେ ସେମାନଙ୍କ ପ୍ରେମର ନିବିଡତା ଏତେ ବଢିଗଲା ଯେ ଟୁନି ପ୍ରେମିକ ପାଖରେ କୋଲକାତାରେ ରହିଗଲେ। ଏଣେ ଜାମିନ୍‌ରେ ମୁକୁଳି ଯୁବକଜଣକ ଘରେ ପହଞ୍ଚିବା ବେଳକୁ ଟୁନି ନଥିଲେ। ବୁଝୁ ବୁଝୁ ଜଣାପଡିଲା ଯେ ଟୁନି କନଷ୍ଟେବଲ ପାଖରେ ଅଛନ୍ତି। ତେଣୁ ସେ ଶ୍ରୀ ଲିଙ୍ଗରାଜ ଥାନାର ଦ୍ୱାରସ୍ଥ ହୋଇଥିଲେ। ଶ୍ରୀ ଲିଙ୍ଗରାଜ ଥାନା ପୋଲିସ୍ କୋଲକାତା ଯାଇ ଟୁନିକୁ ଉଦ୍ଧାର କରି ଭୁବନେଶ୍ୱର ଫେରାଇ ଆଣିଥିଲା। ତେବେ ମାତ୍ର ୨ ସପ୍ତାହ ନ ପୁରୁଣ ପୁଣି ଟୁନି ଫେରାର୍ ହୋଇଯାଇଛନ୍ତି।

# ବିଜେପି ନେତା ମୂର୍ଖ:ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ହନୁମାନଗଡର ପିଲିବଙ୍ଗା ଘଟଣାକୁ ଲକ୍ଷ୍ମୀପୁର ଖେରି ସହିତ ତୁଳନା କରିବା ପ୍ରସଙ୍ଗରେ ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ବଡ ବିବୃତ୍ତି ଆସିଛି। ଏପରିକି ସେ ବିଜେପି ନେତାମାନଙ୍କୁ ମୂର୍ଖ ବୋଲି କହିଥିଲେ। ବାସ୍ତବରେ ଆଜି ଜୟପୁରର ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଅଶୋକ କହିଛନ୍ତି ଯେ- ହନୁମାନଗଡ ଘଟଣାକୁ ଲକ୍ଷ୍ମୀପୁର ସହିତ ତୁଳନା କରିବା ଭୁଲ। ଏହା ବିଜେପିର ମୂର୍ଖ ଲୋକ। ମୁଖ୍ୟମନ୍ତ୍ରୀ ଅଶୋକ ପୁଣି କହିଛନ୍ତି ଯେ ଅମିତ୍ ଶାହା ଏବଂ ବିଜେପି ନେତାମାନେ ଆସି ରାଜସ୍ଥାନରେ କ'ଣ ଘଟୁଛି, କେତେ ଚମତ୍କାର କାର୍ଯ୍ୟ କରାଯାଉଛି, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ରାଜସ୍ଥାନକୁ କାହିଁକି ଆସିବେ? ବିରୋଧୀ ସରକାର ସେଠାରେ ଥିବା ସ୍ଥାନକୁ ଯିବେ। ସମସ୍ତ ଲୋକ ଧରାପଡିଛନ୍ତି। ବର୍ତ୍ତମାନ ମୃତକଙ୍କ ଘରକୁ ବିଜେପି ନେତା ପଠେଇବାର ଅର୍ଥ କ'ଣ?



ମୁଖ୍ୟମନ୍ତ୍ରୀ ଅଶୋକ କହିଛନ୍ତି ଏହା ହେଉଛି ସେମାନଙ୍କ ମୂର୍ଖତା। ସେମାନେ ଏପରି ଅଧିକାରୀ ହୋଇପାରିଛନ୍ତି। ଯେଉଁମାନେ ଗଣମାଧ୍ୟମ ଏବଂ ସୋସିଆଲ୍ ମିଡିଆରେ ଏଜେଣ୍ଡା ଚଳାନ୍ତି ଯଦି ଆମକୁ ହନୁମାନଗଡ ଯିବାକୁ ପଡିବ ଆମେ ପ୍ରଥମ ଦିନରେ ଯାଇଥାନ୍ତୁ। ଆମେ କାହାକୁ ଅଟକାଇ ନଥାଉ।

ରାଜ୍ୟରେ କୋଇଲା ଅଭାବ ହେତୁ ବଢୁଥିବା ବିଦ୍ୟୁତ୍ ସଙ୍କଟ ଉପରେ ମୁଖ୍ୟମନ୍ତ୍ରୀ ଅଶୋକ ମଧ୍ୟ କେନ୍ଦ୍ରକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ବିଦ୍ୟୁତ୍ ସଙ୍କଟ ସଂପର୍କରେ ଆମେ କେନ୍ଦ୍ର ସରକାରକୁ ସୂଚନା ଦେଇଛୁ। ବର୍ତ୍ତମାନ ରାଜ୍ୟମାନଙ୍କୁ ଏ ସଂକଟରୁ ବାହାର କରିବା କେନ୍ଦ୍ରର ଦାୟିତ୍ୱ। କୋଇଲା ମୂଲ୍ୟ ୪ରୁ ୫ଗୁଣ ବୃଦ୍ଧି ପାଇଛି। ତଥାପି କୋଇଲା ଉପଲବ୍ଧ ନାହିଁ। ମୁଖ୍ୟମନ୍ତ୍ରୀ ଅଶୋକ କହିଛନ୍ତି ଯେ ୫ଶହରୁ ୬ଶହ କୋଟି ବକେୟା ଏହା ଏକ ସାମାନ୍ୟ କଥା। ଯଦି କୋଟି କୋଟି ଟଙ୍କାର କୋଇଲା ବିକ୍ରି ହୁଏ ତେବେ ୫ଶହ କୋଟି କ'ଣ ହେବ?

# ୧୦ ହଜାର ଅଧ୍ୟାପିକା/ଅଧ୍ୟାପକଙ୍କୁ ମିଳିବ ଆଡ୍‌ଭାନ୍ସ ପ୍ରଶିକ୍ଷଣ: ମନ୍ତ୍ରୀ ଅରୁଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ଉଚ୍ଚଶିକ୍ଷାର ସୁଧାର ଆଣିବା ସହ ଗୁଣାତ୍ମକ ଶିକ୍ଷା ଏବଂ କ୍ଷଣିକ ମଧ୍ୟରେ କ୍ୟାମ୍ପସରେ ପିଲାଙ୍କ ସମସ୍ୟାର ସମାଧାନ ଲାଗି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ବ୍ଲୁ-ପ୍ରିଣ୍ଟ୍। ତେବେ ଏଥିରେ ଶିକ୍ଷାଦାନ କ୍ଷେତ୍ରରେ ଅଧ୍ୟାପକଙ୍କ ଦକ୍ଷତା ଓ ଶିକ୍ଷାଦାନ ଶୈଳୀ କିପରି ରହିଛି ତା'ର ଅନୁଧ୍ୟାନ କରାଯିବ। ଏ ନେଇ ଜାନୁଆରୀରୁ ରାଜ୍ୟରେ ଥିବା ସବୁ ଡିଗ୍ରୀ କଲେଜ୍‌ରେ ଶିକ୍ଷାଦନା କରୁଥିବା ଅଧ୍ୟାପକ/ଅଧ୍ୟାପିକାଙ୍କ ଶିକ୍ଷାଦାନ ଯାଞ୍ଚ କରାଯିବ।

ପୂର୍ବରୁ ଅଧ୍ୟାପକ/ଅଧ୍ୟାପିକାଙ୍କ ଲାଗି ୭ ଘଣ୍ଟା ବାଧ୍ୟତାମୂଳକ ଏବଂ ସେମାନଙ୍କ ଲାଗି ବାୟୋମେଟ୍ରିକ୍ ବ୍ୟବସ୍ଥା ହୋଇଥିବା ବେଳେ ପୁଣି ଲାଗୁ ହେବାକୁ ଥିବା ଏପରି ବ୍ୟବସ୍ଥାକୁ ମଧ୍ୟ ସବୁ ସ୍ତରରେ ସ୍ୱାଗତ କରାଯାଇଛି। ଏହି ଦକ୍ଷତା ଯାଞ୍ଚରେ ଯେଉଁମାନଙ୍କ ଶିକ୍ଷାଦନା ବ୍ୟବସ୍ଥାରେ ଦୁର୍ବଳ ଜଣାପଡିବ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି। କରୋନା ଲାଗି ବ୍ୟବସ୍ଥାରେ କିଛି କୋହଳ କରାଯାଇଥିବା ବେଳେ ବର୍ତ୍ତମାନ ପୂର୍ବପରି ନିୟମ ଲାଗୁ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ୍‌ରେ ୧୦ହଜାର ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦୃଢ ପ୍ରାରଙ୍ଗମ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି।

ଉଚ୍ଚଶିକ୍ଷା କ୍ଷେତ୍ରରେ କୌଣସି କମ୍ପରମାଇଜ୍ କରାଯିବ ନାହିଁ କିମ୍ବା ଅଧ୍ୟାପକ/ଅଧ୍ୟାପିକାଙ୍କୁ ଦୁର୍ବଳ ଶିକ୍ଷାଦାନ ବ୍ୟବସ୍ଥାକୁ ମଧ୍ୟ ବରଦାସ୍ତ କରାଯିବ ନାହିଁ। ରାଜ୍ୟରେ ସବୁ ବର୍ଗର ଛାତ୍ରଛାତ୍ରୀ ଯେପରି ଠିକ୍ ଉଚ୍ଚଶିକ୍ଷା ପାଇବେ ସେଥିପାଇଁ ସବୁପ୍ରକାର ବ୍ୟବସ୍ଥା କରାଯିବ ବୋଲି



ମନ୍ତ୍ରୀ ଡ. ସାହୁ ସୂଚନା ଦେଇଛନ୍ତି। ଏଣିକି ଅଧ୍ୟାପକ/ଅଧ୍ୟାପିକାଙ୍କ ପଢାଇବା ଶୈଳୀ ଉପରେ ରହିବ ନଜର। ଏ ନେଇ ଆସନ୍ତା ଜାନୁଆରୀରୁ କଟକଣା କଡାକଡି ହେବ। ନିୟମ ଅନୁଯାୟୀ ଦୈନିକ କେଉଁ ଅଧ୍ୟାପକ/ଅଧ୍ୟାପିକା କେତେ ସମୟ କ୍ଲାସ୍ ନେଉଛନ୍ତି ତାହା ସଂପୂର୍ଣ୍ଣ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀ ଯେପରି ଶ୍ରେଣୀ ପାଠପଢା ପ୍ରତି ଆକୃଷ୍ଟ ହେବେ ଏବଂ ଘରୋଇ ଟ୍ୟୁସନ୍ ମୋହରୁ ଦୂରେଇବେ ସେ ନେଇ ଉଚ୍ଚଶିକ୍ଷା ତରଫରୁ ଗୁରୁତ୍ୱ ଦିଆଯିବ। ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଗତ ୧୦ବର୍ଷ ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଡିଗ୍ରୀ କଲେଜ୍‌ରେ ଶିକ୍ଷାଦାନ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଘଟିନଥିଲା। ଏପରିକି ଅଧ୍ୟାପକ/ଅଧ୍ୟାପିକାଙ୍କ ଉପରେ ମଧ୍ୟ କାହାରି ନିୟନ୍ତ୍ରଣ ନଥିଲା। ତେବେ ରାଜ୍ୟରେ ପ୍ରଥମ ଥର ଲାଗି ଡିଗ୍ରୀ କଲେଜ୍‌ରେ ବାୟୋମେଟ୍ରିକ୍ ବ୍ୟବସ୍ଥା ସାଙ୍ଗକୁ ଅଧ୍ୟାପକ ଲାଗି ଶିକ୍ଷାଦାନ ଏବଂ କଲେଜ୍‌ରେ ରହିବା ଓ କେତେ ସମୟ ରହିବା ତା ଉପରେ କଟକଣା ଜାରି ହୋଇଛି। ଫଳରେ ପ୍ରଥମ ଥର ଲାଗି ଡିଗ୍ରୀ କଲେଜ୍ ଗୁଡିକରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଅଧ୍ୟାପକ/ଅଧ୍ୟାପିକା ଦୈନିକ କେତୋଟି କ୍ଲାସ୍ ଓ କେତେ ସମୟ ପଢାଉଛନ୍ତି ତାହା ରିପୋର୍ଟ କଲେଜ୍‌ର ଅଧ୍ୟକ୍ଷଙ୍କ ନିକଟରେ ରହିବ। ସେହିପରି ସେମାନଙ୍କର ଦକ୍ଷତା ଏବଂ ପଢାଇବା ଶୈଳୀ ଯାଞ୍ଚ ଲାଗି ଜିଲ୍ଲା ସ୍ତରରେ ଏକ ଅନୁଧ୍ୟାନ କମିଟି ରହିବ। ସେମାନେ ଅଚାନକ ବିଭିନ୍ନ କଲେଜ୍ ଗସ୍ତ କରି କ୍ଲାସ୍ ଚାଲୁଥିବା ସମୟରେ ସଂପୃକ୍ତ ଅଧ୍ୟାପିକା/ଅଧ୍ୟାପକଙ୍କ ପଢାଇବା ଶୈଳୀ ଯାଞ୍ଚ କରିବେ। ଯାଞ୍ଚ ରିପୋର୍ଟ ବିଭାଗକୁ ଦେବା ପରେ ଦୁର୍ବଳ ଦକ୍ଷତା ଥିବା ଅଧ୍ୟାପକ/ଅଧ୍ୟାପିକାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ପ୍ରକ୍ରିୟା ଆରମ୍ଭ ହେବ। ସେହିପରି ରାଜ୍ୟରେ ପର୍ଯ୍ୟାୟ କ୍ରମେ ଅଧ୍ୟାପକ/ଅଧ୍ୟାପିକାଙ୍କୁ ରିଫ୍ରେସର୍ କୋର୍ସ ମାଧ୍ୟମରେ ସେମାନଙ୍କ ଟିଚିଂ ଦକ୍ଷତାକୁ ବୃଦ୍ଧି କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି।

# ଜଙ୍ଗଲରେ ବିତୁଛି ଜୀବନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କୌଣସି ଫିଲ୍ମର କାହାଣୀ ନୁହେଁ, କର୍ଣ୍ଣାଟକର ଦକ୍ଷିଣ କନ୍ନଡ ଜିଲ୍ଲାର ଘଞ୍ଚ ଜଙ୍ଗଲରେ ଜୀବନ ଅତିବାହିତ କରୁଛନ୍ତି ଜଣେ ୫୬ ବର୍ଷୀୟ ବ୍ୟକ୍ତି। ପରିବାର କହିଲେ ୧୭ବର୍ଷର ସାଥୀ ସାଜିଛି ଏକ ନିର୍ଜୀବ ଆମ୍ବାସାଡାର କାର। ଅଡତଲେ ଓ ନେକ୍କାରେ ନାମକ ଗାଁର ଘଞ୍ଚ ଜଙ୍ଗଲରେ ୩ରୁ ୪କିମି ଭିତରେ ରହନ୍ତି ଚନ୍ଦ୍ର ଶେଖର। ସେଠାରେ ସେ ନିଜ କାର୍‌କୁ ପ୍ଲାଷ୍ଟିକ୍ ଚାଦର ତଳେ ଘୋଡାଇ ରଖିଛନ୍ତି। କାର୍‌ରେ ଥିବା ରେଡିଓରେ ଗୀତ ଶୁଣିବା ତାଙ୍କର ପ୍ରଥମ ପସନ୍ଦ। ଦିନ ହେଉ ଅବା ରାତି କେବଳ ବିଶ୍ରାମ ନେବା ସମୟରେ ସେ କାର୍ ଭିତରକୁ ପ୍ରବେଶ କରିଥାନ୍ତି। ଅର୍ଥାତ୍ ଘଞ୍ଚ ଜଙ୍ଗଲରେ କାର୍ ଭିତରେ ସେ ଅନେକ ଥର ବିଷାକ୍ତ ସାପ ଠାବ କରିଛନ୍ତି। ହେଲେ ସାପ ନୁହେଁ ବରଂ ମାନବ ଜାତିକୁ ଅଧିକ ବିଷଧର ବୋଲି ବୟାନ ଦିଅନ୍ତି। ୨୦୦୩ ମସିହା ପର୍ଯ୍ୟନ୍ତ






ଚନ୍ଦ୍ର ଶେଖର ନେକେରାଲ୍ କେମରାଜେ ଗାଁରେ ଏକ ସାଧାରଣ ଜୀବନଯାପନ କରୁଥିଲେ। ନିଜର ଦେଢ ଏକର ଜମିରେ ଚାଷ କରିବା ପାଇଁ କୋଅପରେଟିଭ୍ ସୋସାଇଟ୍‌ରୁ ଏକ ଲୋନ ନେଇଥିଲେ। କିନ୍ତୁ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଠକାମୀର ଶୀକାର ହେବା ପରେ ସେ ଲୋନ ଟଙ୍କା ପୈଠ କରିପାରିନଥିଲେ ଫଳରେ ତାଙ୍କ ଜମି ହାତଛଡା(ନିଲାମ) ହୋଇଥିଲା। ମନ ଦୁଃଖରେ ଚନ୍ଦ୍ରଶେଖର ନିଜ ଭଉଣୀ ପାଖକୁ ପଳାଇଥିଲେ। ହେଲେ ସେଠାରେ ତାଙ୍କୁ ଭଲ ନ ଲାଗିବାରୁ ସେ ସବୁକିଛି ଛାଡି ନିଜ କାର୍ ଚଳାଇ ଜଙ୍ଗଲକୁ ପଳାଇ ଆସିଥିଲେ। କରୋନା ମହାମାରୀ ସମୟରେ ଲକ୍‌ଡାଉନ୍ ପାଇଁ ସହର ଏକ ପ୍ରକାର ବନ୍ଦ ପଡିଯାଇଥିଲା। ସେହି ସମୟରେ ଜଙ୍ଗଲର ଫଳମୂଳ ଖାଇ ନିଜର ଭୋକ ମେଣ୍ଟାଇଥିଲେ। ସେ ପ୍ରତିଦିନ ସାଇକେଲ୍ ଚଳାଇ ଗାଁକୁ ଗାଁ ବୁଲି ହାତତିଆରି ଝୁଡି ବିକ୍ରୟ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି।

# ତାଳଦଣ୍ଡା କେନାଲରେ ଭାସିଗଲେ ଯୁବକ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମର ଲକ୍ଷ୍ମଣ ସାମଲଙ୍କ ପୁଅ ଶାରଦା ସାମଲ(ଡୋରା)(୨୮) ଗତକାଲି ଦିନ ୧୨ଟାରେ ତାଳଦଣ୍ଡା କେନଲାରେ ଗାଧୋଉଥିବା ସମୟରେ ନାଳରେ ଭାସି ଯାଇଥିଲେ। ତାଙ୍କର ମୃତଦେହ ତାଳଦଣ୍ଡା କେନାଲର ଖଣ୍ଡତରୀ ଡାକ ବଙ୍ଗଳା ନିକଟରେ ଆଜି ଭାସୁଥିବା ଖବରପାଇ ରଘୁନାଥପୁର ଥାନା ପୋଲିସ ଏସଆଇ ଦେବରାଜ ପ୍ରଧାନ ଘଟଣା ସ୍ଥଳରେ ପହଂଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।


# ଦ୍ୱାଦଶାହରେ ଶାନ୍ତିଲତା ଦାଶଙ୍କ ସ୍ମୃତିଚାରଣ ସଭା

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଧର୍ମପରାୟଣା ଓ ପରୋପକାରୀ ମହିଳା ଶାନ୍ତିଲତା ଦାଶଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ପଳଦା ଗ୍ରାମରେ ପାଳିତ ହୋଇଯାଇଛି। ଏହି ସ୍ମୃତିସଭାରେ ବରିଷ୍ଠ ଆଇନଜୀବୀ ଦୋଳଗୋବିନ୍ଦ ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗ ଦେଇ ଶାନ୍ତିଲତା ଦାଶଙ୍କ ସୁଗୁଣ ଓ ସୁକର୍ମ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଶିକ୍ଷାବିତ୍ ଚିତ୍ତରଞ୍ଜନ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତା ଶାନ୍ତିଲତା ଦାଶ ଜଣେ ଆର୍ଦ୍ଦଶ ମାଆ, ସୁଗୃହିଣୀ ଓ ପରୋପକାରୀ ମହିଳାଭାବେ ବେଶ୍ ଜଣାଶୁଣା ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ରଥ, ଯାଜ୍ଞିକ ସମୀର ରଞ୍ଜନ ଦାଶ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣୀ ନିତ୍ୟାନନ୍ଦ ପଢିହାରୀ,ରଶ୍ମିରଞ୍ଜନ ମିଶ୍ର, ବରଦା ପ୍ରସନ୍ନ ଦାଶ, ଭାଗୀରଥି ଦାଶ, ଶରଦିନ୍ଦୁ ଦାଶ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ପଳଦାର 'ଦାଶ ପରିବାର'ର ଏଅଞ୍ଚଳରେ ନିଆରା ପରିଚୟ ରହିଛି ବୋଲି କହିଥିଲେ। ଏହିସ୍ମୃତି ସଭାରେ ଶାନ୍ତିଲତା ଦାଶଙ୍କ ତିନି ପୁଅ ବସନ୍ତ କୁମାର, ଦାଶ, ଶରତ କୁମାର ଦାଶ, ହେମନ୍ତ କୁମାର ଦାଶଙ୍କ ସମେତ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶେଷରେ ନାତୁଣି ବୋହୂ ଅଧ୍ୟାପିକା ରଶ୍ମୀରେଖା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



# ରିକ୍ସା ଚାଳକରୁ କୋଟିପତି ନିଶା ମାଫିଆ

**ଜଳେଶ୍ୱର(ସଂପର୍କବାର୍ତ୍ତା):-** ୧୦ ବର୍ଷ ପୂର୍ବେ ଜଣେ ସାଧାରଣ ରିକ୍ସାଚାଳକ। ଆଉ ଏବେ ଅଚଳାଚଳ ସଂପତ୍ତିର ମାଲିକ। ଏକତା ଏ ଦୋକାନରୁ ସେ ଦୋକାନ ରିକ୍ସାରେ ମାଲ୍ ପହଞ୍ଚାଇବା ସହ ଶୁଖୁଆ ବେପାର କରୁଥିଲା ଜଳେଶ୍ୱର ଥାନା ଝାଡେଶ୍ୱରପୁର ଗ୍ରାମର ସେକ୍ ସମିର ଉଦ୍ଦିନ୍ ଓରଫ୍ ଟାକଲୁ ରାଜା। ଏବେ ସେ ୨ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମାଲିକ। ବ୍ରାଉନ୍‌ସୁଗାର ବେପାରି ଟାକଲୁ ଗତ ଏପ୍ରିଲ୍‌ରେ ବାଲେଶ୍ୱରସ୍ଥିତ ଦୌରାଜର୍ଜଙ୍କ କୋର୍ଟରେ ଆତ୍ମସମର୍ପଣ କରିବା ପରେ ରାଜ୍ୟରେ ସେ ଚଳାଇଥିବା ଧଳାଜହର କାରବାର ଓ ଅଚାଳଚଳ ସମ୍ପତ୍ତିର ଗୁମର ଧିରେ ଧିରେ ଫିଟିବାରେ ଲାଗିଛି। ଟାକଲୁ ରାଜା ୨୦୦୯ ମସିହାରେ ତା'ର ଜଣେ ସଂପର୍କୀୟଙ୍କ ଜରିଆରେ ଛୋଟମୋଟ ବ୍ରାଉନ୍‌ସୁଗାର ବେପାର ଆରମ୍ଭ କରିଥିଲା। ଖୁବ୍ କମ୍ ସମୟରେ ସେ ପାଲଟି ଯାଇଥିଲା ରାଜ୍ୟର ଜଣେ କୁଖ୍ୟାତ ନିଶା ବେପାରି। କୁହାଯାଉଛି ମୁର୍ସିଦାବାଦରେ ରହି ସମଗ୍ର ପୂର୍ବ ଭାରତରେ ବ୍ରାଉନ୍‌ସୁଗାର ବେପାର ଚଳାଇଥିବା ସାବିର ଖାଁର ସବୁଠାରୁ ବିଶ୍ୱସ୍ତ ଥିଲା ଟାକଲୁ। ଟାକଲୁ ଜରିଆରେ ସାବିର୍ ସମଗ୍ର ଓଡ଼ିଶାରେ ଏକଚାଟିଆ ବ୍ରାଉନ୍‌ସୁଗାର ବେପାର କରିବାକୁ ଚାହୁଁଥିଲା। ଆଉ



ତା ଇଶାସାରେ ଟାକଲୁ ରାଜା ସାରା ରାଜ୍ୟରେ ବିସ୍ତାର କରିଥିଲା ତା'ର ନିଶା ସାମ୍ରାଜ୍ୟ। ତେବେ ଅଳ୍ପ ସମୟ ମଧ୍ୟରେ ସେ କରିଥିବା ଅଚଳାଚଳ ସଂପତ୍ତି ହିଁ ତାକୁ ସନ୍ଦେହଘେରକୁ ଟାଣି ଆଣିଥିଲା।

ସୂଚନା ଅନୁସାରେ ଝାଡେଶ୍ୱରପୁରରେ ତା'ର ରହିଛି ଏକ ଶୀତତାପ ନିୟନ୍ତ୍ରଣ ସଦୃଶ ଅଟାଳିକା। ଟାକଲୁ ତା'ର ଜଣେ ନିକଟ ସଂପର୍କୀୟଙ୍କ ନାଁରେ କେବଳ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରେ କୋଟିଏରୁ ଅଧିକ ଟଙ୍କାର ଜମାରାଶି ରଖିଛି। ଜଳେଶ୍ୱର କୋର୍ଟଛକ ନିକଟରେ କୋଟିଏ ଟଙ୍କା ମୂଲ୍ୟର ଏକ କୋଠାଘର ମଧ୍ୟ କିଣିଥିବା ଜଣାପଡିଛି। ସେହିପରି ଟାକଲୁ ଓ ତା'ର ସଂପର୍କୀୟଙ୍କ ନାମରେ ସେକ୍‌ବାର୍ଡ, ରାଜପୁର, ଝାଡେଶ୍ୱରପୁର, ପାଟଣା, କାଦରାୟାଁ, ବସ୍ତାମହଲା ବସ୍ତି, ଖୋର୍ଦ୍ଧା ଜିଲ୍ଲାର ହଳଦୀ ପଡିଆ, ଖଡଗପୁର ସ୍ଥିତ ଉଡି ବସ୍ତି, ଗୋଆ, ହାଇଦ୍ରାବାଦ, ଦିଲ୍ଲୀ ଓ ମୁମ୍ବାଇର ଆଦି ସ୍ଥାନରେ ରହିଛି ସଦୃଶ୍ୟ ଓ ଆଭିଜାତ୍ୟ ସଂପନ୍ନ ଅଟାଳିକା ସହ ମୂଲ୍ୟବାନ ସଂପତ୍ତି। ଏ ସବୁ ସଂପତ୍ତି ବାଜ୍ୟାପ୍ତି କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଇଡି ସହ ଯୋଗାଯୋଗରେ ରହିଥିବା ଜଣାପଡିଛି। ସେଥିପାଇଁ କଲକତାସ୍ଥିତ ପ୍ରାଧୀକୃତ ପୂର୍ବାଞ୍ଚଳ ଅଧିକାରୀଙ୍କୁ ମଧ୍ୟ ଚିଠି ଲେଖାଯାଇଛି। ତେବେ ପ୍ରଶ୍ନ ଉଠୁଛି ରିକ୍ସା ଚାଳକରୁ ଖୁବ୍ କମ୍ ସମୟ ମଧ୍ୟରେ ଟାକଲୁ ରାଜା ଶହ ଶହ କୋଟି ଟଙ୍କାର ମାଲିକ ହୋଇଥିବା ବେଳେ ସ୍ଥାନୀୟ ପ୍ରଶାସନ କିମ୍ବା ପୋଲିସ୍ ଏ ସଂପର୍କରେ କିଛି ଜାଣିପାରିଲେନି କିପରି?

# ଜିଲ୍ଲାପାଳ ଜିଲ୍ଲା ବିଜେଡି ସଭାପତି:କେନ୍ଦ୍ରମନ୍ତ୍ରୀ ଟୁଡୁ

**ମୟୂରଭଞ୍ଜ(ସଂପର୍କବାର୍ତ୍ତା):-** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ। କହିଲେ ଜିଲ୍ଲାପାଳ, ଜିଲ୍ଲା ବିଜେଡି ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ କିଭଳି ସମ୍ମାନ ଦିଆଯାଏ ଜିଲ୍ଲାପାଳ ତାହା ଜାଣିନାହାଁନ୍ତି। ଆଗୁଆ ଗସ୍ତ ସୂଚନା ଦିଆଯାଇଥିଲେ ବି ସର୍କିଟ୍ ହାଉସ୍‌ରେ ଅବ୍ୟବସ୍ଥା ଥିଲା। କେନ୍ଦ୍ରମନ୍ତ୍ରୀଙ୍କୁ ମିଳୁଥିବା ଭିଆଇପି ସୁଟ୍ ନ ଦେଇ ଛୋଟ ରୁମ୍ ଦେଇଥିଲା ଜିଲ୍ଲା ପ୍ରଶାସନ। ଭିଆଇପି ସୁଟ୍ ଜଣେ ଡାଇରେକ୍ଟରଙ୍କୁ ଦିଆଯାଇଥିଲା। ସରକାରୀ ଅଧିକାରୀମାନେ ବିଜେଡି କାର୍ଯ୍ୟକର୍ତ୍ତା ଭଳି କାମ କରୁଛନ୍ତି ବୋଲି ସିଧାସଳଖ ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ।

# ଚିକିଣିଆ ଗାଁରେ ଚୋରୀ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ଚିକିଣିଆ ଗ୍ରାମରେ କୈଳାଶଚନ୍ଦ୍ର ନାୟକଙ୍କ ପୁଅ ତପନ କୁମାର ନାୟକଙ୍କ ଘରେ ଆଜି ପ୍ରତ୍ୟୁଷ୍ୟରୁ ଦୁର୍ବୃର୍ତ୍ତ ମାନେ ପଶି ଘର ଆଲମିରାରେ ଥିବା ସୁନାଗହଣା ଚୋରି କରି ନେଇଛନ୍ତି। ପ୍ରକାଶଥାଉକି, ଆଜି ପ୍ରତ୍ୟୁଷ୍ୟରୁ ତପନ କୁମାର ଘରୁ ବାହାରକୁ ଯାଇ ଫୁଲ ତୋଳୁଥିଲେ। ଏହାର ସୁଯୋଗ ନେଇ ଦୁର୍ବୃର୍ତ୍ତ ମାନେ ଘର ଭିତରେ ପଶି ଆଲମିରା ଖୋଲି ଆଲମିରାରେ ଥିବା ୬୦ଗ୍ରାମ ସୁନା ଚୋରିକରି ନେଇ ପଳାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତପନ ନାୟକ ରଘୁନାଥପୁର ଥାନାରେ ଅଭିଯୋଗ କରିବାପରେ ଥାନା ପୋଲିସ ଘଟଣାର ତଦନ୍ତ ଚଳାଇବା ସହ ସାଇଣ୍ଟିଫିକ ଟିମ ଦ୍ୱାରା ଏବଂ ସନ୍ଧାନି କୁକୁର ମାଧ୍ୟମରେ ତଦନ୍ତ ଆରମ୍ଭ କରିଛନ୍ତି। ଏହି ଚୋରି ମାମଲାରେ ଜଣକୁ ସନ୍ଦେହରେ ରଘୁନାଥପୁର ଥାନାରେ ଅଟକ ରଖାଯାଇଛି।


# ୨୧ରୁ +୨ ଓ ୨୫ରୁ ୮ମ ଶ୍ରେଣୀ ପାଠ ପଢ଼ା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଚଳିତ ଅକ୍ଟୋବର ମାସ ୨୧ ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଅଫ୍‌ଲାଇନ୍ ଶିକ୍ଷାଦାନ ଆରମ୍ଭ ହେବ।

ଏକାଦଶ ଶ୍ରେଣୀର ପିଲାର ପିଲାମାନଙ୍କ ପାଇଁ ବିଦ୍ୟାଳୟରେ ସକାଳ ୧୦ଟାରୁ ମଧ୍ୟାହ୍ନ ୧.୩୦ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବାବେଳେ ଅଷ୍ଟମ ଶ୍ରେଣୀର ପିଲାମାନେ ସକାଳ ୯ଟାରୁ ମଧ୍ୟାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠ ପଢ଼ିବେ। ବିଦ୍ୟାଳୟଗୁଡ଼ିକୁ ପରିଷ୍କାରପରିଚ୍ଛନ୍ନ ରଖିବା ସହ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ବିଦ୍ୟାଳୟରେ ଶିକ୍ଷାଦାନର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଜାତୀୟ ବିଜ୍ଞାନ କଂଗ୍ରେସ ସନ୍ଦର୍ଭର ପ୍ରଶିକ୍ଷଣ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧିନସ୍ଥ ରାଷ୍ଟ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସଂଚାର ପରିଷଦ ଦ୍ୱାରା ପରିଚାଳିତ ଏବଂ ଭୁବନେଶ୍ୱର ସ୍ଥିତ ଭାରତ ଜନଜ୍ଞାନ ବିଜ୍ଞାନ ସମିତିର ସହାୟତା ରେ ଜଗତସିଂହପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜିଲ୍ଲା ସ୍ତରୀୟ ୨୯ତମ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସ ୨୦୨୧ର ସନ୍ଦର୍ଭ ପ୍ରସ୍ତୁତି ନିମନ୍ତେ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ପାଇଁ ଏକ ଆଭାସୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଅଧିକାରୀ ନିରଞ୍ଜନ ବେହେରା ଆନୁଷ୍ଠାନିକ ଭାବେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଶିଶୁ ବିଜ୍ଞାନି ମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତିର ଆଶାନୁରୂପ ଅଭିବୃଦ୍ଧି ଘଟାଇବା ସାଙ୍ଗକୁ ଦେଶ ତଥା ବିଶ୍ୱର ଉନ୍ନତି କଳ୍ପେ ତା ମନରେ ଉଙ୍କି ମାରୁଥିବା ବିଜ୍ଞାନ ସମ୍ମତ ସ୍ୱପ୍ନକୁ ସାକାର କରିବା ଦିଗରେ ଉକ୍ତ କାର୍ଯ୍ୟକ୍ରମଟି ଯଥାର୍ଥରେ ଏକ ଉପଯୁକ୍ତ ଓ ଶକ୍ତିଶାଳି ମାଧ୍ୟମ ଏବଂ ଏଥି ନିମନ୍ତେ ଯଥାଯଥ ମାର୍ଗଦର୍ଶନରେ ଏକାନ୍ତ




ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ପ୍ରାରମ୍ଭରେ ବିଜ୍ଞାନ ଶିକ୍ଷକ ଅମୁଲ୍ୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନକୁମାର ସାହୁ ବୈଜ୍ଞାନିକ ମନୋଭାବ ସଂପନ୍ନ ଶିଶୁ ମାନଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମଟିର କେତେକ ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ପିଲାଙ୍କ ବିଜ୍ଞାନ କଂଗ୍ରେସର ଜିଲ୍ଲା ସଂଯୋଜକ ଉତ୍କଳ ରଂଜନ ମହାନ୍ତି ଏହି କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଥିବା ସାଧାରଣ ସୂଚନା ପ୍ରଦାନ କରିଥିଲେ। ସାଧନାକର୍ମୀ ଭାବେ ଆଳିପିଙ୍ଗଳ ସରକାରୀ ଉଚ୍ଚବିଦ୍ୟାଳୟର ବିଜ୍ଞାନଶିକ୍ଷକ ପଦରାଜ ଉମାକାନ୍ତ ନାୟକ, ଅମ୍ବିକାଇ ହାଇସ୍କୁଲ ଆମ୍ବିକିର ବିଜ୍ଞାନଶିକ୍ଷକ କୈଳାସ ଚନ୍ଦ୍ର ପରିଡା ଏବଂ ଅତିଥିସାଧନା କର୍ମୀ ଭାବେ ବଲାଙ୍ଗିର ଜିଲ୍ଲା ସଂଯୋଜକ ଆନନ୍ଦ ବଡପଣ୍ଡା ଯୋଗଦେଇ ଚଳିତ ବର୍ଷର ବିଷୟବସ୍ତୁ ପୋଷଣୀୟ ଜୀବନ ଧାରଣ ସକାସେ ବିଜ୍ଞାନ ଏବଂ ତାର ପାଞ୍ଚଟି ଉପ ବିଷୟକୁ ଆଧାରକରି ଆଦର୍ଶ ସନ୍ଦର୍ଭ ପ୍ରସ୍ତୁତିର ଜ୍ଞାନ କୌଶଳ ସଂପର୍କରେ ବିଭିନ୍ନ ଦୃଷ୍ଟାନ୍ତ ଦ୍ୱାରା ପ୍ରଶିକ୍ଷଣ ଦେବା ସହିତ ଅଂଶଗ୍ରହଣ କରିଥିବା ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହ ପ୍ରଶ୍ନୋତ୍ତର ମାଧ୍ୟମରେ ଉପୁଜିଥିବା ସମସ୍ୟା ଗୁଡ଼ିକୁ ଦୂରୀକରଣ କରିଥିଲେ। ଜିଲ୍ଲା ସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସର ସନ୍ଦର୍ଭ ଉପସ୍ଥାପନା ନଭେମ୍ବର ୧୫ତାରିଖ ମଧ୍ୟରେ କରାଯିବ ବୋଲି ଜିଲ୍ଲା ସଂଯୋଜକ ଶ୍ରୀ ମହାନ୍ତି ଦର୍ଶାଇଥିବା ବେଳେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଇନ୍ଦିପୁର ର ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ପ୍ରକାଶ ରଂଜନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନନ୍ତସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ କନ୍ତାର ଠାରେ ଥିବା ଅନନ୍ତ ସଂସ୍କୃତ ମହାବିଦ୍ୟାଳୟ ରେ ୧୦ତାରିଖ ଠାରୁ ପରିଚାଳିତ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରର ଉଦ୍‌ଯାପନି ଉତ୍ସବରେ ଜଗତସିଂହପୁର ମମଣ୍ଡଳର ଅତିରିକ୍ତ ଉନ୍ନୟନ ଅଧିକାରୀ ଅଜୟ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରାର୍ଥୀ ମାନଙ୍କର ବିଭିନ୍ନ ଲୋକହିତ କର କାର୍ଯ୍ୟର ଉଚ୍ଚପ୍ରଶଂସା କରି କହିଥିଲେ ମାନବ ସେବା ହିଁ ମାଧବ ସେବା ପ୍ରତ୍ୟେକ ମଣିଷ ଏହାକୁ ଜୀବନରେ ବ୍ରତ ଭାବେ ଗ୍ରହଣ କରିବା ଉଚିତ୍। ସ୍ୱେଚ୍ଛାସେବୀ ମାନେ ଏହି ସମୟ ମଧ୍ୟରେ କନ୍ତାର ଗ୍ରାମରେ ଥିବା କନ୍ତାରେଶ୍ୱର ମନ୍ଦିର ପ୍ରାଙ୍ଗଣ, ମହାବିଦ୍ୟାଳୟ ପରିସର, ମହାବିଦ୍ୟାଳୟ ଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଖ ପରିଷ୍କାର କରିବା ସହ ମନ୍ଦିର



ପରିସରରେ ନାରିକେଳ ବୃକ୍ଷ ରୋପଣ କରିଥିଲେ। ପ୍ରତ୍ୟେକ ଦିନ ଶୈକ୍ଷିକ ସ୍ତରରେ ପ୍ରାଥମିକ ଚିକିତ୍ସା, ଯୋଗଶିକ୍ଷାର ମହତ୍ତ୍ୱ, ଏଚ.ଆଇ.ଭି. ତଥା ଟି.ବି ରୋଗ ଉପରେ ସଚେତନତା ବିଷୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡଃ.ଅଶୋକ କୁମାର ପଣ୍ଡା ସଭାପତିତ୍ୱ କରି ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିବା ସହିତ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ ଚନ୍ଦ୍ର ସେଠୀ ପରିଚାଳନା କରିଥିବା ବେଳେ ପ୍ରଦୀପକୁମାର ରଥ, ସରୋଜିନୀ ବଳ, ବବିତା ବାରିକ, ପ୍ରଦୀପ କିଶୋର ମିଶ୍ର, ସୁଦର୍ଶନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଏ କିଭଳି ହୋମ୍‌ଗାର୍ଡ, ବେକରୁ ନେଉଛନ୍ତି ସୁନା ଚେନ୍ ?

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କାହାକୁ ଛାଡିଲେନାହିଁ ଲୁଟେରା। ପୋଲିସ୍‌କୁ ଖୋଲା ଚ୍ୟାଲେଞ୍ଜ ଦେଇ ବିଭାଗର ଜଣେ ମହିଳା ଗାର୍ଡଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଲେ। ଏପରି ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଘଟିଛି। ପୋଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



ନୀଳଗିରି ଥାନରେ ଡ୍ୟୁଟି ସାରି ଘରକୁ ଫେରୁଥିଲେ ହୋମ୍‌ଗାର୍ଡ ଦୁର୍ଗା ବାରିକ। ସେ ସାଇକେଲ୍‌ରେ ନିଜ ଗାଁ ମଲ୍ୟାଣୀକୁ ଫେରିଥିଲେ। ଗାଁ ପାଖରେ ଦୁଇ ଜଣ ଯୁବକ ଏ ଆପାଚି ବାଇକ୍‌ରେ ଦ୍ରୁତ ଗତିରେ ଆସି ଦୁର୍ଗାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲେ। ଦୁର୍ଗା ଏ ନେଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମାତ୍ର ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ।

# ପ୍ରଣତି ଦାଶଙ୍କ Ph.D ଲାଭ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ **O.P.Jindal Global University** ରେ କାର୍ଯ୍ୟରତ ଶ୍ରୀମତି ପ୍ରଣତି ଦାଶ ଉତ୍କଳ ବିଶ୍ୱବିଦ୍ୟାଳୟରୁ **Business Administration** ରେ **Ph.D** ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତାଙ୍କର ସନ୍ଦର୍ଭ **'The Impact of Social Media on Consumer Decision Making Process-A Study in selected cities of Odisha'** ପ୍ରଫେସର **Dr. Sambhashiv Rao, Andhra University** ଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି।




ସେ ପୁରୀର ସିଦ୍ଧ ମହାବୀର ପାଟଣା ନିବାସୀ ଶ୍ରୀମତି ତ୍ରିପାଠୀ (ପ୍ରାକ୍ତନ ଶିକ୍ଷୟିତ୍ରୀ) ଏବଂ ପ୍ରାକ୍ତନ ସଂଭାଗୀୟ ଲେଖା ଅଧିକାରୀ(**D.A.O**) ୰ ପ୍ରଫୁଲ୍ଲ କୁମାର ଦାଶଙ୍କର ଜ୍ୟେଷ୍ଠ କନ୍ୟା ତଥା ହେରାଗୋହରୀ ସାହି ନିବାସୀ ଶ୍ରୀମତି ସ୍ନେହ ମହାନ୍ତି ଓ ଶ୍ରୀ ବସନ୍ତ କୁମାର ମହାନ୍ତିଙ୍କର ପୁତ୍ରବଧୂ ଅଟନ୍ତି।

ଏହି ଉପଲବ୍ଧିରେ ଏକ ବଳିଷ୍ଠ ଯୋଗଦାନ ତାଙ୍କର ପତି ଶ୍ରୀ ମାନସ ରଞ୍ଜନ ମହାନ୍ତି ଓ ପୁତ୍ର ମୋହିତ କୁକୁଲ ମହାନ୍ତିଙ୍କର ରହିଛି। ପ୍ରଣତି ତାଙ୍କର ସଫଳତା ପାଇଁ ନିଜର ପିତାମାତା, ଶାଶୁ ଶଶୁର, ଭଉଣୀ ଓ ସମସ୍ତ ପରିବାର ବର୍ଗ, ଶୁଭେଚ୍ଛୁଙ୍କ ସମେତ **Prof. Dr. T.K. Panda**ଙ୍କୁ କୃତଜ୍ଞତା ଜ୍ଞାପନ କରୁଛନ୍ତି।

# ଗାର୍ଲଫ୍ରେଣ୍ଡ୍‌କୁ ଦେଖା କରିବାକୁ ବିଦ୍ୟୁତ୍ କାଟ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜଣେ ଇଲେକ୍ଟ୍ରିସିଆନ୍ ଆଜି କାଲି ଚର୍ଚ୍ଚାରେ ରହିଛନ୍ତି। ଏହାର ଦୁଇଟି କାରଣ ଅଛି, ପ୍ରଥମଟି- ଇଲେକ୍ଟ୍ରିସିଆନ୍‌ଙ୍କ କାର୍ଯ୍ୟ ଏବଂ ଦ୍ୱିତୀୟତଃ ସେ କରିଥିବା କାର୍ଯ୍ୟରେ ଗ୍ରାମବାସୀଙ୍କ ପ୍ରତିକ୍ରିୟା କୃତ୍ୟାନନ୍ଦ ନଗର ଥାନାର ଗଣେଶପୁର ପଞ୍ଚାୟତର ଆଦିବାସୀ ଅଞ୍ଚଳରେ ପୋଷ୍ଟ ହୋଇଥିବା ଜଣେ ଇଲେକ୍ଟ୍ରିସିଆନ୍‌ଙ୍କ ମହିଳାଙ୍କ ସହ ଆଫେୟାର୍ ଚାଲିଥିଲା। ଏ ଘଟଣାଟି ହେଉଛି ବିହାରର ପୂର୍ନିଆର ଅଞ୍ଚଳର। ଯେତେବେଳେ ସେ ତାକୁ ଦେଖା କରିବାକୁ ଯାଉଥିଲେ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ କାଟି ଦେଉଥିଲେ।

ସୂଚନା ଅନୁଯାୟୀ, ଗତ ୫ବର୍ଷ ଧରି ଇଲେକ୍ଟ୍ରିସିଆନ ଜଣେ ଆଦିବାସୀ ଝିଅ ସହିତ ଅନୈତିକ ସମ୍ପର୍କ ରଖିଥିଲେ। ଯେତେବେଳେ ସେ



ରାତିର ଅନ୍ଧାରରେ ନିଜ ତାଙ୍କୁ ଭେଟିବାକୁ ଯାଉଥିଲେ, ସେ ଗାଁର ବିଦ୍ୟୁତ୍‌କୁ ୩ ଘଣ୍ଟା କାଟି ଦେଉଥିଲେ। ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁଁ ଗ୍ରାମବାସୀ ଅତ୍ୟନ୍ତ ଅସନ୍ତୋଷ ପ୍ରକାଶ କରୁଥିଲେ।

ଶେଷରେ ବିରକ୍ତି ହୋଇ ଗ୍ରାମବାସୀ ଇଲେକ୍ଟ୍ରିସିଆନ୍ ଏକ ଶିକ୍ଷା ଦେବାକୁ ଚିନ୍ତା କରିଥିଲେ। ତେବେ ତାଙ୍କର କୌଣସି ଧାରଣା ନଥିଲା ଯେ ତାଙ୍କର ଜଣେ ଆଦିବାସୀ ଝିଅ ସହିତ ସମ୍ପର୍କ ଅଛି। ସେ କେବଳ ବାରମ୍ବାର ବିଦ୍ୟୁତ୍ କାଟ୍‌ର ଉତ୍ତର ଚାହୁଁଥିଲେ। ତେଣୁ ଦିନ ଗାଁର ବିଦ୍ୟୁତ୍ କାଟ୍ ହେବା ମାତ୍ରେ ଗ୍ରାମବାସୀ ଇଲେକ୍ଟ୍ରିସିଆନ୍‌କୁ ଖୋଜିବା ଆରମ୍ଭ କରିଥିଲେ।

କିଛି ସମୟ ଖୋଜିବା ପରେ ଗ୍ରାମବାସୀ ଏକ ଯୁବତୀଙ୍କ ସହ ଇଲେକ୍ଟ୍ରିସିଆନ୍‌ଙ୍କୁ ଗାଁ ବାହାରେ ଆପତ୍ତିଜନକ

## ଏ କି ନିଶା ? ପୁଣି ଏପରି ମଣିଷ ଥାଆନ୍ତି !

ଅବସ୍ଥାରେ ଧରିଥିଲେ। ରାଗିଯାଇ ଲୋକମାନେ ଦୁହିଁଙ୍କୁ ଖୁବ୍ ପିଟିଥିଲେ। ତା'ପରେ ଦୁହିଁଙ୍କୁ ଲଣ୍ଡା କରି ଚପଲ ପିନ୍ଧାଇ ଗାଁରେ ବୁଲାଇଥିଲେ। ପରେ ଗ୍ରାମବାସୀ ଉଭୟଙ୍କୁ ବିବାହ କରାଇଥିଲେ।

# ହିମାଂଶୁ ଆଚାର୍ଯ୍ୟଙ୍କୁ ଶ୍ୱେତସଂକେତ ପ୍ରବନ୍ଧ ସମ୍ମାନ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ସ୍ତମ୍ଭକାର ତଥା ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କୁ ୨୦୨୧ମସିହାପାଇଁ ଶ୍ୱେତସଂକେତ ପ୍ରବନ୍ଧ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ସ୍ଥିତ ୟୁନିଟ୍-୩ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଶ୍ୱେତ ସଂକେତର ୩୩ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାବର୍ତ୍ତନ ସମାରୋହରେ ମୁଖ୍ୟଅତିଥି ଭାବେ ଲୋକସେବକମଣ୍ଡଳର ଉପସଭାପତି ନିରଞ୍ଜନ ରଥ ଶ୍ରୀ ଆଚାର୍ଯ୍ୟଙ୍କୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ୱେତ ସଂକେତର ପ୍ରତିଷ୍ଠାତା ସଂପାଦକ ଦେବେନ୍ଦ୍ର ନାଥ ଦାଶଙ୍କ ସଂଯୋଜନାରେ ଓ ଡକ୍ଟର ସୁଚେତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍




ବସନ୍ତ କୁମାର ପଣ୍ଡା, ସ୍ତମ୍ଭକାର ଦାସ ବେନ୍‌ହୁର ଓ ଡକ୍ଟର ଅର୍ଚ୍ଚନା ନାୟକ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଏହାପୂର୍ବରୁ ଶ୍ରୀ ଆଚାର୍ଯ୍ୟ ଜିଲ୍ଲା ସ୍ତରରେ ବିଶେଷକରି ରାଜ୍ୟ ସ୍ତରରେ ବହୁବାର ପ୍ରାବନ୍ଧିକ ଭାବେ ସମ୍ମାନିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବନ୍ଧୁ ଓ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଛନ୍ତି।

# ସିନେ-ଗବେଷକ ସୂର୍ଯ୍ୟ ଦେଓ ପାଇବେ 'ସୁରେଶ ସୃଜନ' ସମ୍ମାନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସୁରେଶ ବଳବନ୍ତରାୟ ଫାଉଣ୍ଡେସନ୍ ପକ୍ଷରୁ ଚଳିତ ବର୍ଷ ପାଇଁ ସିନେ-ଗବେଷକ ତଥା ସଂସ୍କୃତିକର୍ମୀ ସୂର୍ଯ୍ୟ ଦେଓଙ୍କୁ ପ୍ରଦାନ କରାଯିବ 'ସୁରେଶ ସୃଜନ' ସମ୍ମାନ। ଏ ନେଇ ଗତ ୧୨ ତାରିଖରେ ବସିଥିବା ଫାଉଣ୍ଡେସନ୍ ବୈଠକରେ ଘୋଷଣା କରାଯାଇଛି।

କବି-ଗାଳ୍ପିକ-ନାଟ୍ୟକାର-ଅନୁବାଦକ-ସଂପାଦକ-ସଂଗ୍ରାହକ-ସଂସ୍କୃତିକର୍ମୀ-ଗବେଷଖ ସ୍ୱର୍ଗତ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା ଏହି ସମ୍ମାନ ଚଳିତ ମାସ ୨୬ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯିବ। ପ୍ରାପକ ଶ୍ରୀ ଦେଓ ଓଡ଼ିଆ ସିନେମାର ଗବେଷଣା ସହିତ ସଂଗ୍ରହଣ କାର୍ଯ୍ୟରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ନିୟୋଜିତ ଅଛନ୍ତି ଓ ଜଣେ ସଂସ୍କୃତିକର୍ମୀ ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି। ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡା, ବିଶିଷ୍ଟ ସମାଲୋଚକ କୃଷ୍ଣଚନ୍ଦ୍ର ପ୍ରଧାନ ଓ ଲୋସଂପର୍କ ଗବେଷକ ଡ. ଅଜୟ କୁମାର ମିଶ୍ର ଯୋଗଦେବେ ଓ ଫାଉଣ୍ଡେସନ୍ ଅଧ୍ୟକ୍ଷ ଡ. ହରେକୃଷ୍ଣ ପାତ୍ର ସଭାପତିତ୍ୱ କରିବେ ବୋଲି ଫାଉଣ୍ଡେସନ୍‌ର ସଂପାଦିକା ଅଧ୍ୟାପିକା ଡ. ଅନ୍ୟା ଅନୁରୂପା ଜଣାଇଛନ୍ତି।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ଶିକ୍ଷୟିତ୍ରୀମାନେ କଳିହୁଡି:ଶିକ୍ଷାମନ୍ତ୍ରୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମହିଳା ଶିକ୍ଷୟିତ୍ରୀମାନେ ଅଧିକ କଳିକଜିଆ(କଳିହୁଡି) ପ୍ରବଣ ବୋଲି କହିଛନ୍ତି ରାଜସ୍ଥାନ ଶିକ୍ଷାମନ୍ତ୍ରୀ। କର୍ଣ୍ଣାଟକର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରେ ରାଜସ୍ଥାନର ଶିକ୍ଷାମନ୍ତ୍ରୀ ମହିଳାମାନଙ୍କ ଉପରେ ବିବାଦୀୟ ବୟାନ ଦେଇଛନ୍ତି। ଭାରତରେ ମହିଳାମାନେ ପିଲା ଜନ୍ମ କରିବାକୁ ଏବଂ ବାପା-ମାଙ୍କୁ ପାଖରେ ରଖିବାକୁ ଆଗ୍ରହୀ ନଥିବା କହିବାର ଦୁଇଦିନ ପରେ ରାଜସ୍ଥାନର ଶିକ୍ଷାମନ୍ତ୍ରୀ ଗୋବିନ୍ଦ ସିଂହ ଦୋତସ୍ରା ଆଉ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଗତ ସପ୍ତାହରେ ଜୟପୁରଠାରେ ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଏକ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ଥାନର ଶିକ୍ଷାମନ୍ତ୍ରୀ କହିଛନ୍ତି- ଯେଉଁ ବିଦ୍ୟାଳୟରେ ମହିଳା କର୍ମଚାରୀ ବା ଶିକ୍ଷୟିତ୍ରୀମାନେ ଅଧିକା ରହିଛନ୍ତି




ସେଠାରେ ବେସି ଝଗଡା ହେଉଛି। ବିଭିନ୍ନ କାରଣ ପାଇଁ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଝଗଡା ହେଉଛି। ଯଦି ମହିଳା କର୍ମଚାରୀମାନେ ଏହି ଛୋଟ ଛୋଟ ଭୁଲ୍‌କୁ ସୁଧାରି ପାରିବେ ତାହାହେଲେ ସେମାନେ ପୁରୁଷମାନଙ୍କ ତୁଳନାରେ ସବୁବେଳେ ଆଗରେ ରହିବେ ବୋଲି ଦୋତସ୍ରା କହିଛନ୍ତି। ରାଜସ୍ଥାନ ସରକାର ସବୁବେଳେ ମହିଳାମାନଙ୍କ ସୁରକ୍ଷା ଏବଂ ସୁବିଧାକୁ ଧ୍ୟାନ ଦେଇଆସୁଛନ୍ତି। ସେମାନଙ୍କୁ ଭଲ ସ୍ଥାନରେ ନିଯୁକ୍ତି ଦେଇଛନ୍ତି। ଅଧିକାଂଶ ଶିକ୍ଷୟିତ୍ରୀ ସହରରେ କିମ୍ବା ସହରର ନିକଟବର୍ତ୍ତୀ ଅଞ୍ଚଳରେ ନିଯୁକ୍ତି ପାଇଛନ୍ତି। ଚାକିରୀ ଠାରୁ ଆରମ୍ଭ କରି ପଦୋନ୍ନତି କ୍ଷେତ୍ରରେ ମଧ୍ୟ ସେମାନଙ୍କୁ ଅଗ୍ରାଧିକାର ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ମହିଳାଙ୍କ ଯୋନିରେ ବାଉଁଶ ଭର୍ତ୍ତି କରିଦେଲେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ହାଟରୁ ଫେରୁଥିବା ବେଳେ ମହିଳାଙ୍କୁ ଉଠାଇ ନେଇ ନଦୀ କୂଳରେ କଲେ ଦୁର୍ଷ୍କ। ପରେ ତାଙ୍କ ପ୍ରାଇଭେଟ୍ ପାର୍ଟରେ ବାଡି ପୂରାଇ ମାଡ ବି ମାରିଲେ। ଏପରି ଅଭିଯୋଗ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅଞ୍ଚଳରୁ ଆସିଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଇତି ମଧ୍ୟରେ ୪୮ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ୍ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।

ଶୁକ୍ରବାର ଥିଲା ଶୁକୃଳି ସାପ୍ତାହିକ ହାଟ। ସେହି ହାଟକୁ ଯାଇଥିଲେ ୫୫ ବର୍ଷୀୟା ବୃଦ୍ଧା ନେତୀ(ଛଦ୍ମନାମ)। ଅପରାହ୍ନରେ ସେ ଚାଲି ଚାଲି ଘରକୁ ଫେରୁଥିଲେ। ରାସ୍ତାରେ ତାଙ୍କ ସହ ଦେଖା ହୋଇଥିବା ଦୁଇ ଜଣ ଯୁବକଙ୍କ ସହ। ସେମାନେ ତାଙ୍କୁ ଘରେ ଛାଡିବାର ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ନେତୀ ଯାଇଥିଲେ। ହେଲେ ଘରେ ଛାଡିବା ପରିବର୍ତ୍ତ ଦୁଇ ଯୁବକ, ନେତୀଙ୍କୁ ଶୁକୃଳି-ରରୁଆଁ ରାସ୍ତାର ଭଣ୍ଡନ ନଦୀ କୂଳକୁ ନେଇଯାଇଥିଲେ ସେଠାରେ ତାଙ୍କ ସହିତ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ନେତୀ ବିରୋଧ କରିଥିଲେ। ତେଣୁ ସେମାନେ ତାଙ୍କୁ ମାଡ ମାରିଥିଲେ। ପରେ ଦୁଇ ଯୁବକ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏଥିସହ ପୂର୍ବରୁ ସେହି ସ୍ଥାନରେ ଥିବା ଅନ୍ୟ ୩ରୁ ୪ଜଣ ଯୁବକ ମଧ୍ୟ ନେତୀଙ୍କୁ ଜଣେ ପରେ ଜଣେ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଦୁଷ୍କର୍ମ ପରେ ନେତୀଙ୍କ ମୁଣ୍ଡକୁ ଆକ୍ରମଣ କରିବା ସହ ତାଙ୍କ ପ୍ରାଇଭେଟ୍ ପାର୍ଟରେ ବାଡି ପୂରାଇ ଦେଇଥିବା ଅଭିଯୋଗ ହୋଇଛି। ଯେଉଁଥିପାଇଁ




ପ୍ରାଇଭେଟ୍ ପାର୍ଟରେ ଗଭୀର କ୍ଷତ ସୃଷ୍ଟି ହେବା ସହ ରକ୍ତସ୍ରାବ ହୋଇଥିଲା। ନେତୀ ଉଲଗ୍ନ ଅବସ୍ଥାରେ ଶୁକୃଳି ଓ ରରୁଆଁ ରାସ୍ତାରେ ବସି କାନ୍ଦୁଥିଲେ। ଏହା ଦେଖି ପଥଚାରୀମାନେ ଶୁକୃଳି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଶୁକୃଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

ନେତୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଧନୁଜୟ ସରେନ କହିଚନ୍ତି- ମହିଳାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ଚିକିତ୍ସା ସମୟରେ ମହିଳାଙ୍କୁ ପଚାରିବାରୁ ତାଙ୍କୁ ଗଣ ଦୁଷ୍କର୍ମ ହୋଇଥିବା କହିଛନ୍ତି। ମହିଳାଙ୍କ କହିବା ଅନୁସାରେ ଦୁଇ ଜଣ ଯୁବକ ମିଛ କଥା କହି ଲିଫ୍ଟ ଦେଇଥିଲେ। କିନ୍ତୁ ପୂର୍ବରୁ ସେଠାରେ ୭ରୁ ୧୦ଜଣ ଯୁବକ ଥିଲେ ବୋଲି ମହିଳା କହିଥିଲେ। ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ତାଙ୍କ ପ୍ରାଇଭେଟ ପାର୍ଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି।

ଏ ନେଇ ଅଭିଯୋଗ ହେବା ପରେ ପୋଲିସ୍‌ର ତନାଘନା ଆରମ୍ଭ ହୋଇଛି। ସାଇଣ୍ଟିଫିକ୍ ଓ ଡଗସ୍କ୍ୱାର୍ଡ ସହିତ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କରଞ୍ଜିଆ ଉପଖଣ୍ଡ ପୋଲିସ୍ ଅଧିକାରୀ ଜଶିପୁର, ରରୁଆଁ ଓ ବାଦାମପାହାଡ ପୋଲିସ୍ ମିଳିତ ଭାବେ ଘଟଣାର ତଦନ୍ତ କରୁଛନ୍ତି। ଦୁଷ୍କର୍ମ ହୋଇଥିବା ସ୍ଥାନରୁ ସୁରାକ ଖୋଜିବା ପାଇଁ ଆଖପାଖ ଅଞ୍ଚଳରେ ବିଭିନ୍ନ ସିସିଟିବି ଫୁଟେଜକୁ ଯାଞ୍ଚ କରୁଛି ପୋଲିସ୍। ତେବେ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ୍। ମହିଳାଙ୍କୁ ଲିଫ୍ଟ ଦେବା ବାହାନାରେ ଗଣଦୁଷ୍କର୍ମ ନେଇ ଅଭିଯୋଗ ହେବା ପରେ ମାମଲାର ଅଗ୍ରଗତି ସଂପର୍କରେ ଜାଣିବା ପାଇଁ ରରୁଆଁ ଅନାରେ ପହଞ୍ଚିଛନ୍ତି ଆଇଜି ହିମାଂଶୁ ଲାଲ। ସେ କ୍ରାଇମ୍ ସ୍ପଷ୍ଟକୁ ଯାଇ ଛାନ୍‌ଭିନ୍ କରିଛନ୍ତି। ସିସିଟିଭି ଫୁଟେଜ ଦେଖିବା ସହିତ ତଦନ୍ତର ଅଗ୍ରଗତି ସଂପର୍କରେ ପଚାରି ବୁଝିଛନ୍ତି।









## ମନୀଷ ମୃତ୍ୟୁ ମାମଲା

# ରାତି ୧୦ଟା ପରେ ସାଉଥ୍‌ସିଟି ବାର୍ ରାତି ତମାମ ଖୋଲା ରହିଥିଲା କିପରି ?

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଦାସଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚାର ପରିସରକୁ ଆସିଥିବା ପାତ୍ରପଡାସ୍ଥିତ ସାଉଥ୍‌ସିଟି ହୋଟେଲ୍ ଆଣ୍ଡ୍ ବାର୍‌ର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ମନୀଷଙ୍କ ମୃତ୍ୟୁ ପୂର୍ବରୁ ସେଦିନ ରାତିରେ ଜଣେ ପୋଲିସ୍ କର୍ମଚାରୀଙ୍କ ଉପସ୍ଥିତି ନେଇ ଅଭିଯୋଗ ଆସିବା ପରେ ଘଟଣାର ତଦନ୍ତ ଜଣେ ଅତିରିକ୍ତ ଡିସିପିଙ୍କ ଦ୍ୱାରା କରାଯାଉଛି ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

ଭୁବନେଶ୍ୱରର ହାବିଲଦାର ଓ କନଷ୍ଟେବଲ ସଂଘ ସଂପାଦକ ପ୍ରସନ୍ନ ବେହେରା ଉକ୍ତ ବାରକୁ ତାଙ୍କ ଭାଇଙ୍କ ନାମରେ ଲିଜ୍ ନେଇ ଚଳାଉଥିବା ଜଣାପଡିଛି। ତେଣୁ ପୋଲିସ୍ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ ଆରମ୍ଭ କରିଛି। କୋଭିଡ୍ କଟକଣା ଏବଂ ସହରର ସମସ୍ତ ବାର୍ ରାତି ୧୦ଟା ପରେ ତାଲା ପଡୁଥିଲା ବେଳେ ସାଉଥ୍‌ସିଟି ବାର୍ ରାତିତମାମ ଖୋଲା ରହୁଥିଲା। ଏ ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିଲା। ଗତ ୯ ତାରିଖ ବିଳମ୍ବିତ ରାତିରେ ଉକ୍ତ ବାର୍‌ରେ ବିଲ୍ ପୈଠକୁ ନେଇ ମନୀଷ ଓ ଅଭିଯୁକ୍ତଙ୍କ ମଧ୍ୟରେ ବଚସା ହେବା ପରେ ପୋଲିସ୍ କଣ୍ଟ୍ରୋଲ୍‌ରୁମ୍‌କୁ ଫୋନ୍ ଆସିଥିଲା। ସୂଚନା ପାଇ ତମାଣ୍ଡୋ ଥାନା ଅଧିନରେ ଥିବା ପିସିଆର୍ ଭ୍ୟାନ୍ ପହଞ୍ଚିଥିଲା। ହେଲେ ହୋଟେଲ୍‌ରେ ପୋଲିସ୍ କର୍ମଚାରୀଙ୍କୁ ଭ୍ୟାନ୍ ଦେଖି ଫେରିଆସିଥିଲା।

ମନୀଷଙ୍କ ମୃତ୍ୟୁ ପରେ ତାଙ୍କ ମୋବାଇଲ୍‌କୁ ଅଭିଯୁକ୍ତମାନେ ନେଇଯାଇଥିଲେ। ଯାହାକି ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ। ମନୀଷଙ୍କ ମୃତ୍ୟୁକୁ ଲୁଚେଇବାକୁ ଉଦ୍ୟମ କରିଥିବା ୩ ସାଙ୍ଗଙ୍କୁ ଗିରଫ କରାଯାଇଥିଲେ ସୁଦ୍ଧା କାହା ଆଘାତରେ ମନୀଷଙ୍କ ମୃତ୍ୟୁ ହେଲା, କିଏ ପାଣିକୁ ଫିଙ୍ଗିଲେ, ସେ ସଂପର୍କରେ କୌଣସି ସ୍ପଷ୍ଟ ସୂଚନା ପୋଲିସ୍ ଦେଇନାହିଁ। ଅଭିଯୁକ୍ତମାନେ ପୋଖରୀ ପାଖରେ ଓଦା ଅବସ୍ଥାରେ ଥିବା ଜଣେ ପ୍ରତ୍ୟେକ୍ଷଦର୍ଶୀ ଦେଖିଥିବା ଡିସିପି




କହିଛନ୍ତି। ସିସିଟିଭି ଫୁଟେଜ୍, ଶେଷ ଫୋନ୍ କଲ୍ ରେକର୍ଡ ଏବଂ ସାକ୍ଷୀଙ୍କ ବୟାନକୁ ନେଇ ଅଭିଯୁକ୍ତମାନଙ୍କୁ କିପରି ଦୋଷୀ ପ୍ରମାଣିତ କରାଯିବ ତାକୁ ନେଇ ପ୍ରଶ୍ନ ଉଠୁଛି। ବ୍ୟବଚ୍ଛେଦ ରିପୋର୍ଟ, ଏଫ୍‌ଏମ୍‌ଟି ଓ ଅନ୍ୟାନ୍ୟ ରିପୋର୍ଟକୁ ଅପେକ୍ଷା ଥିବାବେଳେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ ପୋଲିସ୍ ଆବେଦନ କରିଛି।

# ଜଗତସିଂହପୁରରେ ସାମ୍ବାଦିକଙ୍କୁ ପୂଜା ଭେଟି ଦେବାକୁ ଡରି ଅଫିସର୍ ଅଫିସ୍ ତାଲା ପକାଇ ଛୁ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଜଗତସିଂହପୁରରେ ସାମ୍ବାଦିକଙ୍କୁ ଅଫିସର୍ ଡରିଲେଣି। କାରଣ ପୂଜା ଭେଟିକୁ ନେଇ ଅଫିସର୍‌ମାନେ ଡରୁଥିବା କହୁଛନ୍ତି। କିଛି ଅଫିସର୍ ବିଭାଗୀୟ ଅଫିସ୍‌ରୁ ତାଲା ପକାଇ ଛୁ ମାରିଥିବାରୁ ସାମ୍ବାଦିକମାନେ ଯାଇ ବାରମ୍ବାର ଫେରିଆସିଥିବା ଖବର ଚର୍ଚ୍ଚାର ବିଷୟ ହୋଇଛି। ଏପରିକି କେତେକ ଅଫିସର ଅଫିସ୍‌ରେ ଥାଇ ଅଡରଲିକୁ କହୁଛନ୍ତି ସାର୍ ନାହାଁନ୍ତି କହିଦିଅ ବୋଲି କହୁଥିବା କୁହାଯାଉଛି। ଜନୈକ ଅଫିସର୍ କହୁଛନ୍ତି ପୂଜା ଚାନ୍ଦା ମୋତେ ୮୦ହଜାର ଟଙ୍କା ଦେବାକୁ ପଡିଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର ସାମ୍ବାଦିକ ତାଲିକା ଦେଖିଲା ବେଳକୁ ଆମକୁ ଭୟ ଲାଗୁଛି ବୋଲି କେତେକ କହୁଛନ୍ତି। ଚଳିତ ପୂଜାରେ ସାମ୍ବାଦିକମାନେ ପୂର୍ବବର୍ଷ ଭଳି ଭଲ ପୂଜା ଭେଟି ପାଇନଥିବାରୁ ମନଦୁଃଖ କରିଥିବା ଶୁଣାଯାଉଛି। କିଛି ଅଫିସ୍ ୨ଶହରୁ ୫ଶହ ଏପରିକି ହଜାରେ ଟଙ୍କା ଲେଖାଏଁ ସାମ୍ବାଦିକଙ୍କୁ ପୂଜା ଭେଟି ଦେଇଥିବା ଶୁଣାଯାଉଛି। ସେ ଯାହା ହେଉ ସାମ୍ବାଦିକମାନଙ୍କର ଦଶହରା ପୂଜା, ଦିପାବଳୀ, ନୂତନବର୍ଷ ଆଦି କେତେକ ପର୍ବପର୍ବାଣୀରେ ଅଫିସର୍‌ମାନେ ଖୁସିରେ ଭେଟି ଦେଇଥାନ୍ତି। ହେଲେ ବର୍ତ୍ତମାନ ସେ ପରିସ୍ଥିତି ନାହିଁ। କାରଣ କମ୍ପ୍ୟୁଟରୀକରଣ ଓ ଇ-ଫାଇଲିଂ ବ୍ୟବସ୍ଥା ଯୋଗୁଁ ଅଫିସରମାନଙ୍କ ହାତଗୁଞ୍ଜା କମିଯିବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟିର କାରଣ ବୋଲି କୁହାଯାଉଛି। କେବଳ ସାମ୍ବାଦିକଙ୍କୁ ଚୋରା ମଦ ବ୍ୟବସାୟୀ କେବଳ ସାହା ବୋଲି କୁହାଯାଉଛି। ଏଥର ଅବକାରୀ ବିଭାଗ ପ୍ରତ୍ୟେକ ସାମ୍ବାଦିକଙ୍କୁ ଡାକି ଭଲ ପୂଜା ଭେଟି ଦେଇଥିବାରୁ ପ୍ରାୟ ସାମ୍ବାଦିକମାନେ ଅବକାରୀ ବିଭାଗ ଅଫିସରଙ୍କ ପ୍ରତି ସନ୍ତୁଷ୍ଟ ଥିବା କହୁଛନ୍ତି। କୁଆଡେ ଯୋଗାଣ ଓ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଭଳି କିଛି ବିଭାଗ ଏଥର ସାମ୍ବାଦିକଙ୍କୁ ପୂଜା ଭେଟି ଦେଇନଥିବା ଶୁଣିବାକୁ ମିଳୁଛି।

# ୭୦ ବର୍ଷରେ ମା' ହେଲେ ବୃଦ୍ଧା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ୭୦ ବର୍ଷରେ ମା' ହେଲେ ବୃଦ୍ଧା ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ଘଟଣାଟି ସତ। ଗୁଜୁରାଟ କଚ୍ଛମୁରା ଗାଁରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଭାଲୁଭାଇ ଓ ପତ୍ନି ଜିଲୁ ହେଉଛନ୍ତି ଗାଁର ଏକ ବୃଦ୍ଧ ଦମ୍ପତ୍ତି। ବୟସ ଆଜିକୁ ୭୦ ପହଞ୍ଚିଲାଣି ହେଲେ ଏବେ ତାଙ୍କ କୋଳରେ ଜନ୍ମ ହୋଇଛି ଏକ ନବଜାତ ଶିଶୁ। ଉଭୟଙ୍କ ଏକ କନ୍ୟା ସନ୍ତାନ ହୋଇଛି। ସୂଚନା ଅନୁସାରେ ବିବାହର ପ୍ରାୟ ୪୫ବର୍ଷ ପର୍ଯ୍ୟନ୍ତ ଉଭୟ ସନ୍ତାନ ସୁଖ ପାଇପାରିନଥିଲେ। ଯାହାକୁ ନେଇ ଉଭୟେ ଦୁଃଖଭରା ଜୀବଣ ଜିଉଁଥିଲେ। ହେଲେ ଭଗବାନଙ୍କ ସୃଷ୍ଟିରେ କ'ଣ ବା ଅସମ୍ଭବ, ବିଭାଗର ୪୫ବର୍ଷ ପରେ ଉକ୍ତ ଦମ୍ପତ୍ତି ଆଧୁନୀକ ଚିକିତ୍ସା ବିଜ୍ଞାନର ସହାୟତା ନେଇଥିଲେ। ଡାକ୍ତର ନିକଟକୁ ଯାଇ ନିଜର ମନ କଥା ଜଣାଇବା ପରେ ଡାକ୍ତର ତାଙ୍କୁ ଟେଷ୍ଟଟ୍ୟୁବ୍ ବେବି ବିଷୟରେ ଅବଗତ କରାଇଥିଲେ। ଯାହା ପରେ ଏବେ ସଫଳ ହୋଇଛି।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera